# ଛଉ ନୃତ୍ୟରେ କମ୍ପିଲା ଧବଳେଶ୍ୱର ପୀଠ



**ରାଇରଙ୍ଗପୁର,୧୬ ।୪ (ସମିସ):** ବିଶ୍ୱନାଥ ଛଉ ପ୍ରତିଷ୍ଠାନ ତାଳଗାଁ ଆନୁକୂଲ୍ୟରେ ଚଇତ୍ର ପର୍ବ ଉପଲକ୍ଷେ ଛଉ ବାଜା ଓ ଧୁମସାର ଶବ୍ଦରେ କମ୍ପି ଉଠିଥିଲା ଧବଳେଶ୍ୱର ପୀଠ । ଏଥିରେ ଛଉ ନାଚ ଦଳ ପ୍ରଥମ ରାତିରେ ବେଲପୋଷି ଓ ଓ ତାଳଗାଁ ଏବଂ ଦ୍ୱିତୀୟ ରାତିରେ ତାଳଗାଁ ଓ ଜଟାପାଣି ମଧ୍ୟରେ ଛଉନାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ରାତିରେ ମାୟା ଶବରୀ, ମହିଷାସୁରବୋଧ, ଦ୍ୱିତୀୟ ରାତିରେ ମଲ୍ଲିକାର୍ଜୁନ, ସାରୁଲପୂଜା ବିଷୟ ଉପରେ ପରିବେଷଣ କରିଥିଲେ । ଝୁମର ନାଚରେ ଜେପିଏମ୍ ବାଦଲା ଭାଗ ନେଇ ନିଖୁଣ ଭାବରେ ନାଚ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱନାଥ ଛଉ ପ୍ରତିଷ୍ଠାନର ସମ୍ପାଦକ ଲକ୍ଷ୍ମଣ ମହାକୁଡ, ସଭାପତି ପ୍ରଦୀପ ମହାକୁଡ, ଅନୁପ ମହାକୁଡ, ବିକାଶ ବିରୁଆ, ରଘୁନାଥ ବାର୍ଦା, ଜାଦୁ ଟୁଡ୍ରୁ, ରଘୁ ବିରୁଆ, ଶିବଶଙ୍କର ମୁହାକୁଡ, ସୁରେନ୍ଦ୍ର ମୁହାକୁଡ, ଦୀପକ ମୁହାକୁଡ, ଭରତ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ ।

# ପୁଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ

**ବାରିପଦା,୧୬ ।୪(ସମିସ):** ଜଣେ ନାବାଳିକା ଅପହରଣ କରିବା ଘଟଣାରେ ଥାନାରେ ଅଟକ ଥିବା ଜଣେ ଯୁବକ ପୁଲିସ ହେପାଜତରୁ ଚମ୍ପଟ ମାରିଛି; ଯାହାକୁ ନେଇ ଭଞ୍ଜପୁର ଥାନା ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ସୂଚନା ଅନୁଯାୟୀ, ଭଞ୍ଜପୁର ଥାନା ଅନ୍ତର୍ଗତ ଭୁଗୁଡାକଟା ଅଞ୍ଚଳର ବସନ୍ତ ମଣ୍ଡଳ (୨୮) ଜଣେ ନାବାଳିକାକୁ ନିଜ ପ୍ରେମ ଜାଲରେ ଫସାଇ ଅପହରଣ କରି ନେଇଥିଲେ । ପରେ ନାବାଳିକାଙ୍କ ପରିବାର ଲୋକେ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ନାବାଳିକାକୁ ଉଦ୍ଧାର କରି ସୁଧାର ଗୃହକୁ ପଠାଇବା ସହ ଅଭିଯୁକ୍ତ ବସନ୍ତ ମଣ୍ଡଳକୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିଲା । ତେବେ ମଙ୍ଗଳବାର ଅପରାହ୍ନରେ ବସନ୍ତ ସୁଯୋଗ ପାଇ ପୁଲିସ ହେପାଜତରୁ ଥାନାରୁ ଚମ୍ପଟ ମାରିଛି । ଫେରାର ଅଭିଯୁକ୍ତ ଯୁବକକୁ ଧରିବା ପାଇଁ ଭଞ୍ଜପୁର ଥାନା ପୁଲିସ ପକ୍ଷରୁ ତନାଘନା ଜାରି ରହିଛି ।

# ଦେଶୀ ମଦ ଜବତ; ଦୁଇ ଗିରଫ

**ରାଇରଙ୍ଗପୁର,୧୬ ।୪(ସମିସ):** ରାଇରଙ୍ଗପୁର ସହରରେ ଦୁଇ ଜଣ ବ୍ୟକ୍ତି ଚୋରା ଦେଶୀ ମଦ ନେଇ ଯାଉଥିବାବେଳେ ଟାଉନ ଥାନା ପୁଲିସ ଚଢ଼ଉ କରିଥିଲା । ସେମାନଙ୍କ ପାଖରୁ ପ୍ରାୟ ୨୦ ଲିଟର ଦେଶୀ ମଦ ଜବତ କରିଥିଲା ପୁଲିସ । ପରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଯଶିପୁରରେ ବାସନ୍ତୀକ ଦୁର୍ଗାପୂଜା



**ପଦ୍ମପୁର,୧୬।୪(ସମିସ):** ଯଶିପୁର ବଜାର ନିକଟ ଗୌଡ଼ଗାଁଠାରେ ୫୨ତମ ମା' ବାସନ୍ତୀକ ଦୁର୍ଗାପୂଜା ରୀତିନୀତି ଅନୁସାରେ ରବିବାର ଆରମ୍ଭ ହୋଇଛି । ସୋମବାର ମହାସପ୍ତମୀ ପୂଜା ସମାପନ ହୋଇଥିବାବେଳେ ମଙ୍ଗଳବାର ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଅଷ୍ଟମୀ ପୂଜା ପାଇଁ ମଣ୍ଡପରେ ମହିଳା ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ବୁଧବାର ମହାନବମୀ, ଗୁରୁବାର ମହାଦଶମୀ ପୂଜା ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ । କର୍ତ୍ତା ଭାବେ କମଳାକାନ୍ତ ସାହୁ ଦାୟିତ୍ୱ ତୁଲାଇଛନ୍ତି । ଏହି ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଦୀପାଲା ପରିବେଷଣ ହେଉଛି ।

# ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଜବତ

**ବେତନଟୀ,୧୬ ।୪(ସମିସ):** ସୁରେଇଡିହି ଗ୍ରାମର ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ପୁଲିସ ଉଦ୍ଧାର କରିଛି । ମୃତ ବୃଦ୍ଧା ଜଣକ ହେଉଛନ୍ତି ଗ୍ରାମର କାଳୀଚରଣ ମହାନ୍ତଙ୍କ ସ୍ତ୍ରୀ ଗୁରୁବାରୀ । ଗୁରୁବାରୀ ସୋମବାର ସନ୍ଧ୍ୟାରେ ଘରୁ ବାହାରି ଆସିଥିବାବେଳେ ଆଉ ଘରକୁ ଫେରିନଥିଲେ । ମାତ୍ର ମଙ୍ଗଳବାର ସକାଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ପଛପଟ ବାଡିରେ ବେକରେ ଫାଶୀ ଦେଇ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ । ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି ।

● ଉଦଳା ଆସନ ପାଇଁ ଜେଏମ୍ଏମ୍‌ର ୩ ଆଶାୟୀ

# ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀ ଚୟନ

**ଉଦଳା, ୧୬।୪(ସମିସ):** ଉଦଳା ବିଧାନସଭା ସଂରକ୍ଷିତ ଆସନ ପାଇଁ ତିନି ପ୍ରମୁଖ ଦଳ ନିଜର ପ୍ରାର୍ଥୀ ମଇଦାନରେ ଓହ୍ଲାଇ ସାରିଥିବା ବେଳେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏ ଯାଏ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ । ଚଳିତ ନିର୍ବାଚନରେ ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ଜେଏମ୍ଏମ୍ ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରିଛି । କାରଣ ଦଳରେ ତିନି ଜଣ ଆଶାୟୀ ରହିଥିବା ଶୁଣିବାକୁ ମିଳୁଛି । ଗତ ୨୦୧୯ରେ ପ୍ରାର୍ଥୀ ସାଜିଥିବା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚକ୍ରଧର ସିଂ, ଯୁବ ସଂଗଠକ ଶିରୀଷ ଟୁଡୁ ଓ ଆଦିବାସୀ କଳାକାର ଶୈଳେନ୍ଦ୍ର ହେମ୍ବ୍ରମଙ୍କ ନାମ ଶୁଣିବାକୁ ମିଳୁଛି । ତେବେ ଦଳ ପ୍ରାର୍ଥୀ ଚୟନ ନେଇ କୌଣସି ଚୂଡାନ୍ତ କରିପାରୁନାହିଁ । ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଅଡୁଆରେ ପଡିଯାଇଛି । ସୂଚନାଯୋଗ୍ୟ ଯେ ୨୦୦୯ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଲାଲ ସରେନ ପ୍ରାର୍ଥୀ ହୋଇଥିବାବେଳେ ୨୦୧୪ରେ ଠୁମ୍ପୁ ମୁର୍ମୁ ନିର୍ବାଚନ ଲଢିଥିଲେ । ଅପରପକ୍ଷରେ ୨୦୦୪ ମସିହାରେ ମୟୂରଭଞ୍ଜ ଲୋକସଭା ଜେଏମଏମ୍‌ରୁ ଲଢି ସୁଦାମ ମାରାଣ୍ଡି ସାଂସଦ ହୋଇଥିଲେ । ଏହି ଆସନ ପାଇଁ ବିଜେଡି, କଂଗ୍ରେସ ଓ ବିଜେପି ପୁରୁଣା ନେତାଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି ।

କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

# ଉଡ଼ିଲା ଚାଳଛପର; ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

**ରାମଚନ୍ଦ୍ରପୁର,୧୬ ।୪(ସମିସ)**

ମଙ୍ଗଳବାର ଅପରାହ୍ନରେ ହଠାତ କାଳବୈଶାଖି ତାଣ୍ଡବ ରଚିଥିଲା । ଏହା ପ୍ରଭାବରେ ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ପଞ୍ଚାୟତର ନଣ୍ଡାବର ଗ୍ରାମର ଅନେକ ଗରିବ ଲୋକଙ୍କ ଚାଳଛପର ଉଡିଯାଇଥିବା ବେଳେ ବଡ଼ବଡ଼ ଗଛ ଉପୁଡି ପଡିବା ସହ ପ୍ରାୟ ୬ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । କାଳବୈଶାଖୀ ପ୍ରଭାବରେ ନଣ୍ଡାର ଗ୍ରାମର ବାଙ୍କନିଧି ଜେନା, ପଦ୍ମଲୋଚନ ଜେନା, ସଂଜୟ ଜେନା, ସାଧୁଚରଣ ପେରେଇ, ଦଇତାରୀ ଜେନା ସମେତ ଅନେକ ବ୍ୟକ୍ତିଙ୍କ ଚାଳ ଛପର ଉଡିବା ସହ ଅନେକ କ୍ଷୟକ୍ଷତି ହୋଇଛି । ଏଥିସହ ସ୍ଥାନୀୟ ତିଗିରିଆ ଗ୍ରାମର ପ୍ରଭାତ କୁମାର ବାରିକଙ୍କ ଆଜବେଷ୍ଟସ୍ ନିର୍ମିତ ଗ୍ୟାରେଜ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜିଯାଇ ଥିବା ଦେଖିବାକୁ ମିଳିଛି । କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ସହ ତା'ର ଛିଣ୍ଡି ପଡିଥିବାରୁ ରାମଚନ୍ଦ୍ରପୁର ସେକ୍ସନ ଅଧନ ବିଭିନ୍ନ ଗ୍ରାମରେ ବିଦ୍ୟୁତ ସରବରାହ ସମ୍ପୁର୍ଣ୍ଣ ବ୍ୟାହତ ହୋଇଛି । ସନ୍ଧ୍ୟା ହୋଇଯିବାରୁ ଅନେକ ସ୍ଥାନର କ୍ଷୟକ୍ଷତି ହୋଇଥିଲେ ବି ସଠିକ ସୂଚନା ମିଳିପାରିନାହିଁ ।





# ରାମନବମୀ ପାଇଁ ପୁଲିସର ଫ୍ଲାଗମାର୍ଚ୍ଚ



**ଯୋଡା,୧୬।୪(ସମିସ):** ଯୋଡା ସହରରେ ପବିତ୍ର ରାମନବମୀ ନିମନ୍ତେ ଶାନ୍ତିଶୃଙ୍ଖଳା ପାଇଁ ୧୪ ପ୍ଲାଟୁନ୍ ପୁଲିସ ବଳ ମୁତୟନ ରହିଥିବା ଦେଖିବାକୁ ମିଳିଛି । ବୁଧବାର ନାମନବମୀ ଅନୁଷ୍ଠିତ ହେଉଥିବା ବେଳେ ପୂର୍ବାହ୍ନରେ ଓ ଅପରାହ୍ନ ୨ ଓଳି ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି । ସୂଚନା ଯୋଗ୍ୟ, ୨ ବର୍ଷ ପୂର୍ବେ ରାମନବମୀ ଉତ୍ସବରେ ରାମ ଝଣ୍ଡା ସ୍ଥାପନକୁ କେନ୍ଦ୍ର କରି ଉଭୟ ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଦଙ୍ଗାର ରୂପ ନେଇଥିଲା । ଏପରିକି କେନ୍ଦୁଝର ଜିଲ୍ଲାର ଇଣ୍ଟରନେଟ ସେବା ବିଚ୍ଛିନ୍ନ କରି ପୁଲିସକୁ ମାସେ କାଳ ପରିସ୍ଥିତି ଶାନ୍ତ ହେବା ପର୍ଯ୍ୟନ୍ତ ନାକେଦମ୍ ହେବାକୁ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ପୁଲିସ ପକ୍ଷରୁ ଯୋଡା ସହରରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି । ଏହି ଫ୍ଲାଗମାର୍ଚ୍ଚ ଯୋଡା ଥାନା ଠାରୁ ବାହାରି ଯୋଡା ସିନେମା ହଲ ଛକ, କୁନ୍ଦୁରୁନାଳା, ଯୋଡା ମାର୍କେଟ ସହ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି । ମଙ୍ଗଳବାର ସନ୍ଧ୍ୟାରେ ଆରକ୍ଷୀ ଅଧୀକ୍ଷକ କୁଶଳକର ନିତିନ୍ ଡାଗଡୁ ପ୍ରତ୍ୟକ୍ଷଭାବେ ଯୋଡା ଥାନାରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ଉଭୟ ସଂପ୍ରଦାୟର ମୁରବୀ ଶ୍ରେଣୀୟ ଲୋକ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ମସଜିଦ କମିଟି ମୁଖ୍ୟଙ୍କୁ ନେଇ ଏକ ବୈଠକ କରିବା ସହ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

# ମଇଳା ଟାଙ୍କି ପାଣିରେ ଭାସୁଛି ବ୍ଲକ୍ ପରିସର



**ଯୋଡା,୧୬।୪(ସମିସ):** ଯୋଡା ବ୍ଲକ ଅଫିସକୁ ପଶି ଗଲେ ମୁଖ୍ୟ ଫାଟକରୁ ଏହାର ପରିମଳ ବ୍ୟବସ୍ଥା ବେଶ ଜଣାପଡେ । ବ୍ଲକ ଅଫିସର ଏକ ସେପ୍ଟି ଟ୍ୟାଙ୍କ ଭର୍ତ୍ତି ହୋଇ ଏହାର ବର୍ଜ୍ୟ ଜଳ ରାସ୍ତା ଉପରେ ବହୁଥିବା ବେଳେ ଏହା ମିଶନ ଶକ୍ତି କାଫେ ସମ୍ମୁଖ ଦେଇ ବ୍ଲକ ଅଫିସର ମୁଖ୍ୟ ଫାଟକ ଦେଇ ବହି ଯାଇଥାଏ । ଫଳରେ ବ୍ଲକ ଅଫିସ୍ ପଶୁ ପଶୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲେ ମଧ୍ୟ ଯେମିତି ଏଥିପ୍ରତି କାହାରି ନିଘା ନଥିବା ଜଣାପଡିଛି । ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖଣି ଅଞ୍ଚଳର ବିକାଶ ନିମନ୍ତେ ବ୍ୟୟବରାଦ କରାଯାଉଥିବା ବେଳେ ଖୋଦ ବ୍ଲକ କାର୍ଯ୍ୟାଳୟର ଚାରିପାଖ ଏବେ ନର୍କକୁଣ୍ଡ ପାଲଟିଯାଇଛି । କେତେବେଳେ ପାଇଖାନା ପାଇପ ଫାଟି ତ ଅନ୍ୟ କେତେବେଳେ ସେପ୍ଟି ଟାଙ୍କି ଓଭରଫ୍ଲୋ ହୋଇ ମଳ ମୂତ୍ର ଆବର୍ଜନା ଜଳ ରାସ୍ତା ଉପରକୁ ମାଡି ଆସୁଛି । ବ୍ଲକ ଅଫିସକୁ ପଶିବା ମାନେ ଲୋକେ ଏହି ଜଳ ମାଡି ଭିତରକୁ ପଶିବାକୁ ବାଧ ହେଉଛନ୍ତି । ୧୯ଟି ପଞ୍ଚାୟତର ଲୋକେ ଏହି କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ନିୟମିତ ଭାବେ ଆସୁଥିବାବେଳେ ଏହାର ବୈଠକ ଘରେ ପ୍ରତି ମାସ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ, ବ୍ଲକ ଅଧକ୍ଷ, ପୌର ଅଧିକାରୀ ଏପରିକି ଖୋଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏହି ବାଟରେ ଡେଇଁ ଡେଇଁ ଯାଉଥିଲେ ମଧ୍ୟ ଏହାକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଅନ୍ୟପକ୍ଷରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଗୁଡିକୁ ରଙ୍ଗ ମରାଯାଇ ବ୍ୟୟ ବହୁଳ ଆଭ୍ୟନ୍ତରଣିୟ ସାଜସଜ୍ଜା କରାଯାଉଥିଲେ ମଧ୍ୟ ଏହି ଦୂଷିତ ଜଳକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବ୍ଲକ କାର୍ଯ୍ୟାଳୟର ଚାରିପାଖରେ ଅନାବନା ଗଛ ଉଠି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଚାରି ଆଡେ ପାନ ଓ ଗୁଟଖା ଛେପରେ ଭର୍ତ୍ତି । ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ମଶା ମାଛିଙ୍କ ଉପଦ୍ରବ ମଧ୍ୟ ଦେଖିବାକୁ ମିଳିଥାଏ । ବ୍ଲକ କାର୍ଯ୍ୟାଳୟ ପରିସର ଭିତରେ ଏକ ମିଶନ ଶକ୍ତି କାଫେ ମଧ୍ୟ ରହିଛି । ଗାଁ ଗହଳିରୁ ଆସିଥିବା ଏବଂ ବ୍ଲକ କର୍ମଚାରୀମାନେ ସେଠାରେ ଜଳପାନ କରିଥାନ୍ତି । ଏହି କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ଶୌଚାଳୟ ଗୁଡିକ ଅଧିକାଂଶ ସମୟରେ ତାଲା ପଡିରହୁଥିବାରୁ ଲୋକେ ଖୋଲା ଜାଗାରେ ଶୌଚ ହେଉଥିବା ଦେଖିବାକୁ ମିଳିଥାଏ । ପୁରୁଷ ମାନେ ଶୌଚ ନିମନ୍ତେ କାର୍ଯ୍ୟାଳୟର ବିଭିନ୍ନ କାନ୍ଥ ଓ ପାଚେରିକୁ ବ୍ୟବହାର କରିଥାନ୍ତି ।

# ବିଶ୍ୱତାରିଣୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**ହାଟଡ଼ିହୀ,୧୬।୪(ସମିସ):** ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ହାଟଡ଼ିହୀ ବ୍ଲକ୍ ଅଧୀନ ଛେନାପଦି ସ୍ଥିତ ବିଶ୍ୱତାରିଣୀ ମନ୍ଦିର ବେଢ଼ାରେ ପ୍ରଭୁ ଶ୍ରୀହରିଙ୍କ ନାମ ସଙ୍କୀର୍ତ୍ତନ ମହୋତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ରବିବାର ଅଧିବାସ ଦିବସରେ ଭକ୍ତଙ୍କ ଦ୍ୱାରା ଜଳପୂର୍ଣ୍ଣ କଳସ ଅଣାଯାଇ ଠାକୁରଙ୍କ ଅସ୍ଥାନରେ ରଖି ପୂଜାବିଧି ଆରମ୍ଭ ହୋଇଥିଲା । ସୋମବାର ପ୍ରାତଃ ସମୟରୁ ଠାକୁରଙ୍କ ନିକଟରେ ନାମ ସଙ୍କୀର୍ତ୍ତନ ଆରମ୍ଭ ମଙ୍ଗଳବାର ସକାଳ ଯାଏଁ ଚାଲିଥିଲା । ଆଜି ସକାଳେ କୀର୍ତ୍ତନ ଦଳଙ୍କୁ ନେଇ ରସ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ନାଚଗୀତ ମାଧ୍ୟମରେ ଠାକୁରଙ୍କ ନାମ ସଙ୍କୀର୍ତ୍ତନ କରି ନଗର ପରିକ୍ରମା ଏବଂ ସନ୍ଧ୍ୟାରେ ଦଧିଭାଣ୍ଡ ଭାଙ୍ଗି କାର୍ଯ୍ୟକ୍ରମଟିକୁ ଉଦଯାପିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲା ବେଳେ ଛେନାପଦି ଛକ ସ୍ଥିତ ଦୋକାନୀ ବନ୍ଧୁମାନେ ଏଥିରେ ସହଯୋଗ କରିଥିଲେ ।



# ଗିରିଜାଶଙ୍କର ପୀଠରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ

**ତୁରୁମୁଙ୍ଗା,୧୬।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ଗିରିଜାଶଙ୍କର ମନ୍ଦିର ପ୍ରାଙ୍ଗଣରେ ମହା ବିଷୁବ ସଂକ୍ରାନ୍ତି ଏବଂ ଓଡିଆ ନବ ବର୍ଷ ଅବସରରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଯାଇଛି । ରବିବାର ନିକଟସ୍ଥ ପୂଣ୍ୟତୋୟା ବୈତରଣୀ ନଦୀରୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଘଟ ଉତ୍ତୋଳନ କରି ମଣ୍ଡପରେ ସ୍ଥାପନା କରାଯାଇଥିଲା । ପୂଜକ ଅରୁଣ କୁମାର ମିଶ୍ର, ଶରତଚନ୍ଦ୍ର ତ୍ରିପାଠୀ ଓ ଅଶୋକ ମିଶ୍ର ପୂଜାକାର୍ଯ୍ୟ ସମାପନ କରିଥିବା ବେଳେ କର୍ତ୍ତା ଭାବରେ ଅଧିକାରୀ ସାହୁ ପୂଜା କାର୍ଯ୍ୟ ତୁଲାଉଛନ୍ତି । ନାମଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେଉଥିବା ବେଳେ ଏଠାରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ସାଲଝାଟିଆ, ଝାଡଖଣ୍ଡର ନୁପୁଙ୍ଗ ଏବଂ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଦେଉଳା, ରାଇକଳା ଓ କଇଣ୍ଡା ପ୍ରମୁଖ ଦଳ ଯୋଗ ଦେଇଥିଲେ ।



# ପିଏଚ୍.ଡି ଲାଭ



ପ୍ରଭାତ ଗୁରୁକୁଳ ଆଶ୍ରମ, ମେରଟ ର ପ୍ରତିଷ୍ଠାତା ସ୍ୱାମୀ ବିବେକାନନ୍ଦ ସରସ୍ୱତୀ ଙ୍କ ପ୍ରେରଣାରେ ବଲାଙ୍ଗିର ଜିଲ୍ଲାର ରାଜୀବ ନଗର ନିବାସୀ ଶ୍ରୀମତୀ ଆଭା ଆର୍ଯ୍ୟା , ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦାର୍ଶନିକ ଅଧ୍ୟୟନ ଉପରେ ଗବେଷଣା କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଡକ୍ଟର ଅଫ ଫିଲୋସଫି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା , ଡକ୍ଟର ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ପରିସରରେ ଏହି ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେ ଅନୁଷ୍ଠିତ ପ୍ରଥମ ଦୀକ୍ଷାନ୍ତ ସମାରୋହ ଉତ୍ସବରେ ଶ୍ରୀମତୀ ଆର୍ଯ୍ୟା ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା ହେଉଛନ୍ତି ଦୟାନନ୍ଦ ଆଙ୍ଗଲୋ ବୈଦିକ ବିଦ୍ୟାଳୟର ପୂର୍ବତନ ନୈତିକ ଉପଦେଶକ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସୁଲକ୍ଷଣୀ ଦାସଙ୍କର ଜ୍ୟେଷ୍ଠା କନ୍ୟା । ସେ ବାସୁଦେବ ପଣ୍ଡା ଓ ଜୟନ୍ତୀ ପଣ୍ଡାଙ୍କର ପୁତ୍ରବଧୂ ତଥା ଡାକବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ପଣ୍ଡାଙ୍କର ଧର୍ମପତ୍ନୀ ଅଟନ୍ତି । ଗବେଷଣା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ୟାନ୍ୟ କୃତିକୁ ଲୋକଲୋଚନକୁ ଆଣିବାରେ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀମତୀ ଆର୍ଯ୍ୟା କହିଛନ୍ତି । ଏହି ସଫଳତା ପାଇଁ ଡ. ଆର୍ଯ୍ୟା ତାଙ୍କ ବାପା, ମାଁ,ଶାଶୁ, ଶ୍ୱଶୁର,ସ୍ୱାମୀ , ନବପ୍ରଭାତ୍ ବୈଦିକ ବିଦ୍ୟାପୀଠ ର ଆଚାର୍ଯ୍ୟ ବୃହସ୍ପତୀ ଶାସ୍ତ୍ରୀ ଓ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିଥିବା ଲୋକେଶ କୁମାରଙ୍କୁ ତଥା ତାଙ୍କର ନିର୍ଦ୍ଦେଶକ ଡ. ରମାକାନ୍ତ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବବିତା ମିଶ୍ରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହା ସହ ସବୁ ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ଈଶ୍ୱରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।




ମାହୁରିଆ ସାହି ବସ୍ତିକୁ ନାହିଁ ରାସ୍ତା

# ୫୫ ପରିବାରକୁ ଚୁଆ ପାଣି ଭରସା

**ଆନନ୍ଦପୁର,୧୬।୪(ସମିସ):** ଘସିପୁରା ବ୍ଲକ ବରିପାଳ ପଞ୍ଚାୟତର ନୂଆ ବରିପାଳ ମାହୁରିଆ ସାହିରେ ରାସ୍ତାଘାଟ ନଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ଏହି ବସ୍ତିରେ ପ୍ରାୟ ୫୫ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରିଥାନ୍ତି । ଏହି ବସ୍ତିକୁ ଯିବା ପାଇଁ ସାମାନ୍ୟ ରାସ୍ତା ନଥିବା ବେଳେ ଆଲୋକ ବ୍ୟବସ୍ଥା ସେଠାରେ ପହଞ୍ଚି ପାରିନାହିଁ । ପିଇବା ପାଣିର ସୁବିଧା ନଥିବା ବେଳେ ଆଜି ଯାଏ ବି ନଳକୂପଟିଏ ମଧ୍ୟ ବସାଯାଇ ପାରିନାହିଁ । ଏହି ବସ୍ତିରେ ରହୁଥିବା ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଦୀର୍ଘ ୨ କିଲୋମିଟର ଚାଲିଚାଲି ଯିବା ପରେ ମାହୁରିଆ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରିଥାନ୍ତି । ବରିପାଳ ପଞ୍ଚାୟତ ସଦର ମହକୁମା ଆସିବା ପାଇଁ ରାସ୍ତା ନଥିବାରୁ ଲୋକେ ଜଙ୍ଗଲ ଭିତରେ ଚାଲି ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି । ଏହି ବସ୍ତିରେ ରହୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ସାତ ସପନ ହୋଇପଡିଛି । ରାସ୍ତା ନଥିବାରୁ ବସ୍ତିକୁ ଆମ୍ବୁଲାନ୍ସ କିମ୍ବା କୌଣସି ଯାନବାହନ ଯାଇ ପାରୁନଥିବାରୁ ରୋଗୀଙ୍କୁ ଖଟିଆ ଓ ଭାରରେ ବୋହି ବୋହି ମୁଖ୍ୟ ରାସ୍ତାକୁ ଅଣାଯାଇଥାଏ । ଜଙ୍ଗଲିଆ ପରିବେଶରେ ଥିବା ବରିପାଳ ପଞ୍ଚାୟତର ଏହି ବସ୍ତିରେ ମୌଳିକ ସୁବିଧା ମିଳୁନଥିବାରୁ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ରଙ୍ଗା ଚାତାର, ଚନ୍ଦା ମୁଣ୍ଡା, ସାଙ୍ଗ ମୁର୍ମୁ, ରୂପେ ବେସ୍ରା, ବୁକେଇ ହାଁସଦା, କୁଆଁର ମୁର୍ମୁ, ମାଧ ମାରାଣ୍ଡି, ରାମ ସଏ,ଗଙ୍ଗା ଚାତାର, ସିଦ୍ଧେଶ୍ୱର ମୁର୍ମୁ, ପାଗଳ ଟୁଡୁ, ଶ୍ରୀକାନ୍ତ ପୂର୍ତ୍ତି, ବୁଦ୍ଧିରାମ ବେସ୍ରା, ରୂପେଇ ମୁର୍ମୁ, ଅନନ୍ତ ମୁର୍ମୁ, ବଡ ମୁର୍ମୁ, ଠାକୁର ସୁଣ୍ଡି, ଗଣେଶ ପୂର୍ତ୍ତି, ସନାତନ ପୂର୍ତ୍ତି, ନାରଣ ଟୁଡୁଙ୍କ ସମେତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ବର୍ଗ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନର ଫେରାଦ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏନେଇ ବିଡିଓ ମାନସ ରଞ୍ଜନ ସାମଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ ।







## ଗ୍ରୀଷ୍ମ ଋତୁରେ ବଢୁଛି ମାଟି ସୁରେଇ ଓ ବୋତଲର ଚାହିଦା

# ଆଧୁନିକ ଢାଞ୍ଚାରେ ତିଆରି ହେଉଛି ଉପକରଣ

ବାରିପଦା, ୧୬।୪(ସମିସ): ସମ୍ପ୍ରତି ମୟୂରଭଞ୍ଜ ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ମୁଣ୍ଡଫଟା ଖରାରେ ଲୋକେ କଲବଲ ହେଉଛନ୍ତି। ଗ୍ରୀଷ୍ମ





ପ୍ରବାହର ମୁକାବିଲା କରିବା ପାଇଁ ଆଜି ବି ମାଟି ତିଆରି ସୁରେଇର ଶୀତଳ ପାନୀୟ ଜଳକୁ ଲୋକେ ଖୋଜୁଛନ୍ତି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ବଜାରରେ ମଧ୍ୟ ଭଳିକି ଭଳି ଡିଜାଇନର ମାଟିର ସୁରେଇ, ହାଣ୍ଡି ଏବଂ ବୋତଲ ତିଆରି ହେଉଛି; ଯାହାକି କି ଦିନକୁ ଦିନ ଲୋକଙ୍କ ଆଦୃତ ହେବାରେ ଲାଗିଛି। ମାଟି ସୁରେଇ/ହାଣ୍ଡିର ଦାମ ୧୫୦ ଟଙ୍କାରୁ ଆରମ୍ଭ କରି ୮୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଆଧୁନିକ ସୁରେଇ/ହାଣ୍ଡିକୁ ରଙ୍ଗବେରଙ୍ଗ ଡିଜାଇନ ସହିତ କଳ ମଧ୍ୟ ଲଗାଯାଇଛି। ସେହିପରି ମାଟି ବୋତଲଗୁଡିକ ଦର ମଧ୍ୟ ୧୧୦ରୁ ଆରମ୍ଭ କରି ୩୦୦ ଟଙ୍କାରେ ବିକ୍ରି ହେଉଛି। ବିନା ବିଦ୍ୟୁତରେ ମାଟି ସୁରେଇ/ହାଣ୍ଡି ଓ ପାଣି ବୋତଲରେ ପାଣି ବହୁ ସମୟ ଧରି ଥଣ୍ଡା ରହୁଥିବାରୁ ଲୋକେ ଏହାକୁ ଅଧିକ କିଣୁଛନ୍ତି। ପୂର୍ବ ତୁଳନାରେ ଏବେ ଏଗୁଡିକ ସାମଗ୍ରୀର ଦରଦାମ ବୃଦ୍ଧି ପାଇଛି। ପୂର୍ବରୁ ମାଟି ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ କଞ୍ଚାମାଲ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିଲା; କିନ୍ତୁ ଏବେ କଞ୍ଚାମାଲ ଦରଦାମ ଆକାଶ ଛୁଆଁ ହୋଇଛି। ଫଳରେ ଦରଦାମ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିବା ଦୋକାନୀମାନେ କହିଛନ୍ତି। ଏବେ ପରିସ୍ଥିତି ପୂର୍ବ ଠାରୁ ସମ୍ପୂର୍ଣ୍ଣ ଭାବେ ବଦଳି ଯିବାରୁ ପ୍ରସ୍ତୁତି କରିବା ନିମନ୍ତେ ଶ୍ରମିକ ମଧ୍ୟ ମିଳୁନାହାନ୍ତି। ତେଣୁ ଲୋକଙ୍କୁ ଆକୃଷ୍ଟ ତଥା ଆବଶ୍ୟକତା ପୂରଣ କରିବା ପାଇଁ ପଶ୍ଚିମବଙ୍ଗରୁ ଆଧୁନିକ କାରୁକାର୍ଯ୍ୟ ହୋଇଥିବା ମାଟି ସରଞ୍ଜାମ ଆଣି ବିକ୍ରି କରୁଛନ୍ତି। ସୁରେଇ/ହାଣ୍ଡିରେ ଫିଲଟରରେ ଲାଗୁଥିବା ପାଣି ଟ୍ୟାପ ମଧ୍ୟ ଫିଟିଙ୍ଗ ହୋଇଥିବା ବେଳେ ପାଣି ବୋତଲରେ ପ୍ଲାଷ୍ଟିକ ଠିପି ଲାଗିଛି। ବାରିପଦା ସହରର ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ଦେବେନ୍ଦ୍ରପୁର ଆଦି ସ୍ଥାନରେ କୁମ୍ଭାରମାନେ ବିକ୍ରି କରୁଛନ୍ତି। ଉନ୍ନତମାନର ମାଟିରେ ପ୍ରସ୍ତୁତ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ସମୟରେ କୁମ୍ଭାରଙ୍କୁ ତାଲିମ ଦିଆଯାଉଛି। ତେବେ ମାଟି କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କ ସହାୟତା ଯୋଗାଇ ଦିଆଗଲେ କୁମ୍ଭାରମାନେ ଆହୁରି ଅଧିକ ରୋଜଗାରକ୍ଷମ ହୋଇପାରିବେ।

### ସେମାନେ କ'ଣ କହନ୍ତି.....



ବାରିପଦାର ଷ୍ଟେସନ ବଜାରରେ ଗତ ୧୫ ବର୍ଷ ଦୋକାନ କରି ଆସୁଛି। ଏହା ଆମର ପାରିବାରିକ କୌଳିକ ବୃତ୍ତି। ପୂର୍ବର ସୁରେଇ, ମାଠିଆ ଓ ହାଣ୍ଡିର ଚାହିଦା ବଜାରରେ କମିବାରୁ ନୂତନ ଡିଜାଇନର ପ୍ରସ୍ତୁତ କରି ବିକ୍ରି କରାଯାଉଛି; ଯାହାର ବଜାରରେ ଚାହିଦା ପୂର୍ବ ଅପେକ୍ଷା ଭଲ ରହିଛି। ଗ୍ରୀଷ୍ମପ୍ରବାହ ବୃଦ୍ଧି ଘଟିବାରୁ ଲୋକମାନେ ମଧ୍ୟ ଅଧିକରୁ ଅଧିକ କିଣୁଛନ୍ତି। ତେବେ ପାଣି ବୋତଲର ଚାହିଦା ଟିକେ ଅଧିକ ରହିଛି।

- ଅମିତ ପ୍ରଜାପତି, ଦୋକାନୀ



ମାଟିରେ ତିଆରି ଉକ୍ତ ସୁରେଇ, ମାଠିଆ, ହାଣ୍ଡି ଓ ପାଣି ବୋତଲ ଗୁଡ଼ିକରେ ପାଣି ଅନେକ ସମୟ ପର୍ଯ୍ୟନ୍ତ ଥଣ୍ଡା ରହିଥାଏ। ବିନା ବିଦ୍ୟୁତରେ ପାଣିକୁ ଥଣ୍ଡା ରଖିବା ପାଇଁ ଲୋକଙ୍କ ମଧ୍ୟରେ ଏହାର ବେଶ ଚାହିଦା ରହିଛି। ଛୋଟ ଥିବା ବେଳେ ପ୍ରତିଟି ସ୍ଥାନରେ ସୁରେଇ ଦେଖୁଥିବା ବେଳେ ଏବେ ତାହା କମିଯାଇଛି କିନ୍ତୁ ନୂଆ ଡିଜାଇନରେ ଉକ୍ତ ସାମଗ୍ରୀ ଗୁଡିକ ବେଶ ସୁନ୍ଦର ହୋଇଛି।

- ଆକାଶ ଭୁଜବଳ, ଗ୍ରାହକ



ପୁରାତନ ସମୟର ମାଟି ସୁରେଇ, ମାଠିଆ ଓ ହାଣ୍ଡିର ସ୍ଥାନ ବର୍ତ୍ତମାନ ଫ୍ରିଜ ଓ ଅନ୍ୟାନ୍ୟ ମେସିନ ନେଇଛନ୍ତି। କିନ୍ତୁ ଏହାପରେ ବି ମାଟି ସୁରେଇ, ମାଠିଆ, ହାଣ୍ଡି ଓ ପାଣି ବୋତଲର ଚାହିଦା ରହିଛି। ଶୀତଳ ପାନୀୟ ଜଳ ପାଇଁ ଏହି ସାମଗ୍ରୀ ସହିତ ଏବେ ନୂତନ କରି ମାଟିର ପାଣି ବୋତଲ ଆସିଛି; ଯାହାକି ପୁରୁଣା ଦିନର କଥା ମନେ ପକେଇ ଦେଉଛି। ପ୍ଲାଷ୍ଟିକ ସାମଗ୍ରୀରେ ପାଣି ରହିବା ଫଳରେ ଶରୀର ପ୍ରତି କ୍ଷତିକାରକ ହେଉଛି। ମାଟିର ପ୍ରସ୍ତୁତ ସାମଗ୍ରୀରେ ପାଣି ମଣିଷର ଆବଶ୍ୟକ ମିନେରାଲ ପ୍ରଦାନ କରୁଛି। ତେବେ କୌଳିକ ବୃତ୍ତି ବଞ୍ଚାଇବାକୁ ମାଟି ପ୍ରସ୍ତୁତ ସାମଗ୍ରୀ ଅଧିକରୁ ଅଧିକ ମାତ୍ରାରେ ଲୋକେ କିଣିବାର ଆବଶ୍ୟକତା ରହିଛି।

- ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ବୁଦ୍ଧିଜୀବୀ

## ପୂର୍ବତନ ସାଂସଦଙ୍କ ଆଶୁ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା



ରାଇରଙ୍ଗପୁର, ୧୬।୪(ସମିସ): ମୟୂରଭଞ୍ଜର ପୂର୍ବତନ ସାଂସଦ ତଥା ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରତିଷ୍ଠାତା ସାଲଖାନ ମୁର୍ମୁ ଗତ କିଛି ଦିନ ପୂର୍ବରୁ ଅସୁସ୍ଥ ହୋଇ ଜାମସେଦପୁରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଲିକତାକୁ ସ୍ଥାନାନ୍ତର କରିଥିଲେ। ସୋମବାର ତାଙ୍କ ଆଶୁ ଆରୋଗ୍ୟ କାମନା କରି ବହଳଦା ବ୍ଲକ ବାଙ୍କା ବୁରୁ ଦରବାର ଚଟାଣି ପାହାଡ଼ ଉପରେ ଆଦିବାସୀ ସେଙ୍ଗେଲ ଅଭିଯାନ ସଂଗଠନ କର୍ମକର୍ତ୍ତାମାନେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥିଲେ।

## ସୂଚନା ଅଧିକାରୀଙ୍କୁ ୧୫ ହଜାର ଟଙ୍କା ଜରିମାନା

ବାରିପଦା, ୧୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ସୂଚନା ଅଧିକାରୀ ଆଇନ ବଳରେ ୨୦୨୦ ଜୁଲାଇ ୧୦ ତାରିଖରେ ଶୁଳିଆପଦା ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର କୋଭିଡ-୧୯ ର ଖର୍ଚ୍ଚ ସଂକ୍ରାନ୍ତରେ କେତେକ ଆବଶ୍ୟକ ତଥ୍ୟ ମାଗିଥିଲେ; ମାତ୍ର ଧାର୍ଯ୍ୟ ସମୟରେ ତଥ୍ୟ ନ ମିଳିବାରୁ ପ୍ରଥମେ ଶୁଳିଆପଦା ବିଡିଓଙ୍କୁ ପ୍ରଥମ ଅପିଲ କରିଥିଲେ। ସେଥିରୁ ନିରାଶ ହେଲା ପରେ ରାଜ୍ୟ ସୂଚନା କମିଶନଙ୍କ ପାଖରେ ଦ୍ୱତୀୟ ଅପିଲ କରିଥିଲେ। କମିଶନ ୨ୟ ଅପିଲ ନଂ- ୨୫୩୫/୨୦ ଅନୁଯାୟୀ ଉକ୍ତ ଆବେଦନକୁ ପଞ୍ଜିକୃତ କରିଥିଲେ। ସୂଚନା ଅଧିକାରୀ ଆଇନ ଅନୁଯାୟୀ କମିଶନ ଜନସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଳିଆପଦା ବ୍ଲକକୁ ୩୦ଦିନ ଭିତରେ ତଥ୍ୟ ଦେବାକୁ ଆଦେଶ ଦେଇଥିଲେ। ମାତ୍ର ଏହି ଆଦେଶକୁ ଉଭୟ କାର୍ଯ୍ୟକାରୀ କରି ନ ଥିଲେ। ଫଳରେ କମିଶନ ଉଭୟ ପକ୍ଷଙ୍କୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। ଶୁଳିଆପଦା ବ୍ଲକର ପୂର୍ବତନ ଜନସୂଚନା ଅଧିକାରୀ ତଥା ବର୍ତ୍ତମାନ ଶାମାଖୁଣ୍ଟା ବ୍ଲକରେ କାର୍ଯ୍ୟରତ ଶରତ କୁମାର ମାଝିଙ୍କୁ ଓଡ଼ିଶା ରାଜ୍ୟ ସୂଚନା କମିଶନ ବାଲକୃଷ୍ଣ ମହାପାତ୍ର ତଥ୍ୟ ଦେବାରେ ଅବହେଳା ଦର୍ଶାଇ ୧୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇବା ସହିତ ବର୍ତ୍ତମାନ ଶୁଳିଆପଦା ବ୍ଲକ ଦାୟିତ୍ୱରେ ଥିବା ଜନସୂଚନା ଅଧିକାରୀ ତୁଷାରକାନ୍ତି ଦେ'ଙ୍କୁ ୧୫ ଦିନ ଭିତରେ ଆବଶ୍ୟକ ସମସ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ତାରିଣୀ ପୂଜା

କପ୍ତିପଦା, ୧୬।୪(ସମିସ): କପ୍ତିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତକାଲି ହନୁମାନ ଜୟନ୍ତୀ, ତାରିଣୀ ପୂଜା ଓ ଓଡିଆ ନୂଆବର୍ଷ ପାଳିତ ହୋଇଯାଇଛି। କପ୍ତିପଦା ସଦର ଗାନ୍ଧୀଛକ ନିକଟରେ ସଂକଟମୋଚନ ଶ୍ରୀ ହନୁମାନଙ୍କ ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସେହିଭଳି ଦୁଣ୍ଡରିଆ ହନୁମାନ ମନ୍ଦିରରେ ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଜାମବଣୀ ପଞ୍ଚାୟତ ଭାଲିଆଡିହ ଗ୍ରାମରେ ହନୁମାନ ଜୟନ୍ତୀ ପାଳନ ହୋଇଥିବା ବେଳେ ଆମ୍ବପିଛୁଳା ତାରିଣୀଙ୍କ ପୀଠରେ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜା ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବଡଖଲାଡି ପଞ୍ଚାୟତ



କୁସୁନପୁରଠାରେ ଗତ ୧୨ତାରିଖରୁ କଳସ ଯାତ୍ରା କରାଯାଇ ୩ ଦିନଧରି ଉତ୍ସବ ପାଳିତ ହୋଇଛି। ସେହିପରି ବଡଖଲାଡି ଗ୍ରାମରେ ୟୁପିସ୍କୁଲ ଛକରେ ହନୁମାନ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ନାମଯଜ୍ଞ, ଭଜନ କୀର୍ତ୍ତନରେ ଜୟ ହନୁମାନ, ହରହର ମହାଦେବ ଓ ଜୟ ମାତାକି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ଛକଯାଗାରେ ପଥଚାରୀଙ୍କୁ ପଣା, ଦହିସର୍ବତ ବଣ୍ଟନ କରାଯାଇଥିଲା।

## ବାହାନଡ଼ା ଉଡ଼ାପର୍ବରେ ୩ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ବେତନଟୀ, ୧୬।୪(ସମିସ): ବେତନଟୀ ଉପକଣ୍ଠ ବାହାନଡା ଗ୍ରାମରେ ସୋମବାର ପବିତ୍ର ଉଡାପର୍ବ ପାଳିତ ହୋଇଯାଇଛି। ମାନସିକଧାରୀ ଏବଂ ଭକ୍ତାମାନେ ଉପବାସ ରହି ନିଷ୍ଠାର ସହିତ ଉଡାପର୍ବରେ ସାମିଲ ହୋଇଥିବା ବେଳେ ନିଆଁପାଟ, କଣ୍ଟାପାଟ ପରେ ଉଡାଖୁଣ୍ଟରେ ଝୁଲିଥିଲେ। ଏ ନେଇ ବାହାନଡା ଉଡା ପଡ଼ିଆରେ ସୋମବାର ଅପରାହ୍ନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ସମାଗମକୁ ଦୃଷ୍ଟିରେ ରଖି ଜଳଛତ୍ରର ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ମୁତୟନ କରାଯାଇଥିଲା। ଉଡାଖୁଣ୍ଟରୁ ଭକ୍ତା ଏବଂ ମାନସିକଧାରୀମାନେ ଫିଙ୍ଗୁଥିବା ପ୍ରସାଦ ଲଡୁକୁ ନେବାପାଇଁ ଶ୍ରଦ୍ଧାଳୁ ଏବଂ ଦର୍ଶକଙ୍କ ମଧ୍ୟରେ ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ଥିଲା। ତେବେ ଉଡାପର୍ବରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଅବକାରୀ ବିଭାଗର ଚଢ଼ଉ; ୨ କୋର୍ଟ ଚାଲାଣ

ବେତନଟୀ, ୧୬।୪(ସମିସ): ବଡଜାମବଣି ଫାଣ୍ଡି ଅଧୀନ ଭାଲିଆଡିହା ପଞ୍ଚାୟତ ଉପକଣ୍ଠ ବନ୍ଧସାହି ଅଞ୍ଚଳରେ ସୋମବାର ମୋରଡା ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀମଦ କରାଖାନା ଉପରେ ଚଢଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ନଷ୍ଟ କରିବା ସହିତ ଏଥିରେ ଜଡିତ ଜଣେ ମହିଳା ଏବଂ ଅନ୍ୟ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବନ୍ଧସାହି ଗ୍ରାମର ହରି ମୁର୍ମୁର ସ୍ତ୍ରୀ ପଦ୍ମିନୀ ମୁର୍ମୁ(୫୦) ଏବଂ ଡାକୋଇ ଗ୍ରାମର ସାଇବ ବେହେରାର ପୁଅ ତ୍ରିଲୋଚନ ବେହେରା(୪୫)। ଚଢଉ ସମୟରେ ଶହେ ଲିଟର ରନ୍ଧା ଦେଶୀମଦ, ଦେଢହଜାର କୁଇଣ୍ଟାଲ ମହୁଲପୋଚ, ୩୦ଟି ପ୍ଲାଷ୍ଟିକ ଡ୍ରମ, ୨ଟି ଆଲୁମିନିୟମ ଡେକଚି ଜବତ କରାଯାଇଥିଲା। ସେହିଭଳି ଡାକୋଇ ଗ୍ରାମରୁ ମଧ୍ୟ ୩୦ଲିଟର ଚୋରା ଦେଶୀମଦ ଜବତ କରାଯାଇଥିଲା।

## ଶିବ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

କରଞ୍ଜିଆ, ୧୬।୪(ସମିସ): ରସମତଳା ବାବା ରଣିକେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଜଗବନ୍ଧୁ ମାଟିଆଙ୍କ ସଭାପତିତ୍ୱରେ ରସମତଳା ଆଖଡ଼ା ଛକରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଗୌରଚନ୍ଦ୍ର ମହାନ୍ତ ସଭା ପରିଚାଳନା କରିବା ସହିତ କମିଟିର ସମସ୍ତ ଉପଦେଷ୍ଟା କମିଟି, ଯାଞ୍ଚ କମିଟି, ସମସ୍ତ ମହିଳା ସଦସ୍ୟା ତଥା ବୁଦ୍ଧିଜୀବୀ ତଥ ଉପସଭାପତି ଦୁଷ୍ମନ୍ତ କୁମାର ପାତ୍ର, ଭାଗବତ ମହାନ୍ତ, ନିପୁନ୍ ମହାନ୍ତ, ପିନ୍ଟୁ ମହାନ୍ତ, ଦୟାନିଧି ମହାନ୍ତ, ବିନୀୟ ମହାନ୍ତ, ଅରୁଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମେ ୮ ତାରିଖରେ ପ୍ରତିଷ୍ଠା କରାଯିବ ଏବଂ ୧୧ ତାରିଖରେ ଉଦ୍‌ଯାପିତ ହେବ। କୋଷାଧ୍ୟକ୍ଷ ବିଶ୍ୱନାଥ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ମହୁରୀ ଉଡ଼ାପର୍ବରେ ଉଡ଼ିଲେ ଭକ୍ତା

ବୈଶିଙ୍ଗା, ୧୬।୪(ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ମହୁରୀଠାରେ ଉଡାପର୍ବ ପାଳିତ ହୋଇଯାଇଛି। ପ୍ରତି ବର୍ଷ ବିଷୁବ ସଂକ୍ରାନ୍ତି ପରଦିନ ଏଠାରେ ଏହି ପର୍ବ ପାଳନ କରାଯାଇଥାଏ। ଚଳିତ ବର୍ଷ ମାସେ ପୂର୍ବରୁ ମହୁରୀ ଗ୍ରାମବାସୀ ଉଡ଼ାକୁ ନେଇ ବେଶ ଉତ୍ସାହିତ ଥିଲେ। ପ୍ରଚଣ୍ଡ ରୁଦ୍ରତାପ ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଗତ ୭ ଦିନ ଧରି ଭକ୍ତାମାନେ ଗୋଟିଏ ସ୍ଥାନରେ ରହି ମୁକ୍ତେଶ୍ୱର ଶିବ ମନ୍ଦିର ଓ ମା' ବାସୁଳୀଙ୍କ ପୀଠରେ ଅର୍ଘ୍ୟ ପ୍ରଦାନ କରୁଥିଲେ। ଗତକାଲି ଭକ୍ତାମାନଙ୍କ ଦ୍ୱାରା କଣ୍ଟାପାଟ ଓ ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଥିଲା। ଭକ୍ତାମାନେ ଗ୍ରାମ ପୋଖରୀ ନିକଟରେ କଣ୍ଟା ଉପରେ ଚାଲିଥିଲେ। ସନ୍ଧ୍ୟାରେ ଶିବ ମନ୍ଦିର ନିକଟରେ ଜଳୁଥିବା ଅଙ୍ଗାର ଉପରେ ଚାଲିଥିଲେ। ଆଜି ସେହି ଭକ୍ତାମାନେ ଗ୍ରାମ ପରିକ୍ରମଣ କରି ଉଡାପଡ଼ିଆ ମଧ୍ୟ ଭାଗରେ ପୋତା ଯାଇଥିବା ଉଡାଖୁଣ୍ଟ ପାଖରେ ପହଞ୍ଚି ଉଡ଼ିଥିଲେ।

## ପଣା ସଂକ୍ରାନ୍ତିରେ ବନ୍ଧୁମିଳନ ଓ ପଣା ବଣ୍ଟନ

ବଡ଼ସାହି, ୧୬।୪(ସମିସ): ବଡସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆୟୋଜନରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ନବବର୍ଷ, ବନ୍ଧୁମିଳନ ଓ ସାମୂହିକ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ରଣଜିତ୍ କୁମାର ଦାସ୍‌ଙ୍କ ଅନୁପସ୍ଥିତିରେ ବରିଷ୍ଠ ସଦସ୍ୟ ତଥା ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଆମନ୍ତ୍ରିତ ଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବେତନଟୀର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ସଦସ୍ୟ ତଥା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର, ବେତନଟୀ ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ ବେହେରା ଯୋଗଦେଇ ପର୍ବପର୍ବାଣି ଭାଇଚାରା ସମ୍ପର୍କକୁ ଅଧିକ ଘନିଷ୍ଠ କରିଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରାକ୍ତନ



ବିଧାୟକ ଗଣେଶ୍ୱର ପାତ୍ର ପହଞ୍ଚି ସଭିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଡ଼ସାହିର ଉପଦେଷ୍ଟା ଶ୍ରୀନାଥ ପଲେଇ, ସହ ସମ୍ପାଦକ ଅନନ୍ତ କୁମାର ଶତପଥୀ, ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସଦସ୍ୟ ଲକ୍ଷ୍ମୀଧର ସାତୁଆ, ଧୀରେନ୍ଦ୍ର ନାଥ ବେହେରା, ତ୍ରିଲୋଚନ ବେହେରା ତଥା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ କୃଷ୍ଣ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଭୋଟର ସଚେତନତା

କୁଆମରା, ୧୬।୪(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ସୁବଳ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ କରୁଣାକର ଧିନ୍ଦା ଯୋଗ ଦେଇ ଭୋଟରଙ୍କ ଭୂମିକା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ ଯୋଗଦେଇ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ହୋଇଥିଲା।

## ଜୟ ହନୁମାନ ଭଲିବଲ ଟୁର୍ଣ୍ଣାମେଣ୍ଟ



ଖୁଣ୍ଟା, ୧୬।୪(ସମିସ): ଖୁଣ୍ଟା ମିନିଷ୍ଟାଡ଼ିୟମଠାରେ ଜୟ ହନୁମାନ ଭଲିବଲ କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥିଭାବେ ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା, ସମିତିସଭ୍ୟ ରଞ୍ଜନ ମହାନ୍ତି, କ୍ଲବର ସଭାପତି ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଭାଗନେଇଥିଲେ। ଉଦଘାଟନୀ ମ୍ୟାଚଟି ବଇଁଚା ଓ ସାଇଁକୁଳା ଏବଂ ଫାଇନାଲ ମ୍ୟାଚଟି ଖୁଣ୍ଟା ଏବଂ ସାଇଁକୁଳା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇଁକୁଳା ଦଳ ୨-୦ରେ ଚାମ୍ପିଅନ ହୋଇଛି। ଚାମ୍ପିଅନ ଟିମ୍‌କୁ ଟ୍ରଫି ଏବଂ ଖୁଣ୍ଟା ଟିମକୁ ରନସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା।

## ବାଇକ୍-ସ୍କୁଟି ଧକ୍କା; ଯୁବକ ଗୁରୁତର

ରାଇରଙ୍ଗପୁର, ୧୬।୪(ସମିସ): ସୋମବାର ରାତ୍ରି ପ୍ରାୟ ୮ଟାରେ ରାଇରଙ୍ଗପୁର ଟାଉନ ମୁର୍ମୁ ଛକ ନିକଟରେ ବାଇକ-ସ୍କୁଟି ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ ସହଯୋଗୀ ଯୁବକମାନେ ଅନ୍ୟ ବାଇକ ଯୋଗେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉକ୍ତ ଯୁବକ ଗୁଣ୍ଡୁରିଆ ଗାଁର ସାଲୁ ବାସ୍କେ ବୋଲି ଜଣାପଡ଼ିଛି।

## ବାଇକ୍ ଚୋରି ଅଭିଯୋଗ

ମୋରଡ଼ା, ୧୬।୪(ସମିସ): ମୋରଡ଼ା ଥାନାରେ ରବିବାର ଏକ ବାଇକ ଚୋରି ଅଭିଯୋଗ ହୋଇଛି। ରକ୍ସଣୀ ଗ୍ରାମର ବୈଦ୍ୟନାଥ ବେହେରାଙ୍କ ପୁଅ ଗଗନ ବିହାରୀ ବେହେରା ଗତ ୧୪ ତାରିଖରେ ସିଳଦା ପୋଲ ନିକଟରେ ଥିବା ନିମ୍ବ ଗଛ ତଳେ ବାଇକ୍‌ଟିକୁ ରଖି ଝମ୍ପୀରା ନଦୀରେ ପିତୃପୁରୁଷଙ୍କୁ ପିଣ୍ଡ ଦେବାପାଇଁ ଯାଇଥିଲେ। ପରେ ସେ ଫେରି ଦେଖିଲେ ଯେ ତାଙ୍କ ବାଇକଟି ଚୋରି ହୋଇଯାଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

## ୭ମ ବାର୍ଷିକ ବୈଶାଖୀ ବିକାଶ ମହୋତ୍ସବ




ବେତନଟୀ, ୧୬।୪(ସମିସ): ନାରୀ ସଶକ୍ତିକରଣ କ୍ଷେତ୍ରରେ ଅଞ୍ଚଳର ଅଗ୍ରଣୀ ପଦ୍ମମାଳୀ ମହିଳା ସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଓଡିଆ ନବବର୍ଷ ଅବସରରେ ରବିବାର ବେତନଟୀ ଧର୍ମଶାଳାରେ ଆୟୋଜିତ ୭ମ ବାର୍ଷିକ ବୈଶାଖୀ ବିକାଶ ମହୋତ୍ସବରେ ମଞ୍ଚାସୀନ ଅତିଥି ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି। ଆୟୋଜକ ମହିଳା ସଂଗଠନର ସଭାପତି ପ୍ରାକ୍ତନ ପ୍ରାଧ୍ୟାପିକା ସଂଯୁକ୍ତା ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ସମେତ ସମ୍ମାନୀତଅତିଥି ଭାବେ ସଂଗଠନର ଅଧ୍ୟକ୍ଷା ବୀଣାପାଣି ଦାଶ, ସ୍ୱତନ୍ତ୍ରଅତିଥି ଭାବେ କେସିପୁର ଜୁନିୟରକଲେଜ ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ, ବେତନଟ ୀବ୍ଲକ ସାମ୍ବାଦିକ ସଂଘର ଉପଦେଷ୍ଟା ଅଜୟ କୁମାର କର, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେତନଟୀ ଶାଖାର ବ୍ରହ୍ମକୁମାରୀ ବନିତା ଭଉଣୀ, ସମାଜସେବୀ ଅଞ୍ଜନା ବେହେରା, ଲେଖିକା ରମା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡିଆ ଭାଷା, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ସାଙ୍ଗକୁ ଏହାର ସୁରକ୍ଷାରେ ବୈଶାଖୀ ବିକାଶ ମହୋତ୍ସବର ଗଠନମୂଳକ ଦିଗ ଉପରେ ଅତିଥିମାନେ ଆଲୋଚନା କରିବା ସହିତ ନାରୀ ସଶକ୍ତିକରଣ କ୍ଷେତ୍ରରେ ପଦ୍ମମାଳୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ।

## ବାଲାଟ୍ ପେପରରେ ନିର୍ବାଚନ ପାଇଁ ସ୍ମାରକପତ୍ର ପ୍ରଦାନ

ବାରିପଦା, ୧୬।୪(ସମିସ): ବାଲାଟ ପେପର ଦ୍ୱାରା ନିର୍ବାଚନ କରିବାକୁ ଜିଲ୍ଲା ନିର୍ବାଚନ ଆୟୋଗଙ୍କ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଶବ୍ୟାପୀ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ଶାଖା ଅନ୍ତର୍ଗତ ଭାରତ ମୁକ୍ତି ମୋର୍ଚ୍ଚାର ସଭାପତି ଆଇନଜୀବୀ ଭାଦୁରାମ ସୋରେନ, ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଂଯୋଜକ ବୈଦ୍ୟନାଥ ସିଂ, ବହୁଜନ ମୁକ୍ତି ପାର୍ଟିର ଜିଲ୍ଲା ସଭାପତି ମୋହନଲାଲ ସୋଏ, କାର୍ଯ୍ୟକାରୀ ସଭାପତି ଦୁର୍ଗାଚରଣ ସିଂ ଏବଂ ଉପସଭାପତି ଶଙ୍କର ନାଏକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ଧାରା ୫୯ ଅନୁସାରେ ସାରା ଦେଶରେ ବାଲାଟ ପେପରରେ ନିର୍ବାଚନ ହେବା ଉଚିତ। ଏହା ପରେ ବି ନିର୍ବାଚନ ଆୟୋଗ ସମସ୍ତ ନିର୍ବାଚନ କ୍ଷେତ୍ରରେ ଇଭିଏମ ମେସିନ ଯୋଗେ ନିର୍ବାଚନ କରିବାକୁ ପ୍ରସ୍ତୁତି କରୁଛି; ଯାହା ପ୍ରଣୟନ କରାଯାଇ ଥିବା ଆଇନ ଅନ୍ତର୍ଗତ ପ୍ରାବଧାନ ଥିବା ବିଧି ସଂଗତ ଓ ବିଧି ସମ୍ମତ ନୁହେଁ। ତେଣୁ ବାଲାଟ ପେପରରେ ନିର୍ବାଚନ କରିବାକୁ ରାଷ୍ଟ୍ରୀୟ ଆଦିବାସୀ



ଏକତା ପରିଷଦର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସିଂ, ବୁଧୁରାମ ସିଂ, ଫାଗୁରାମ ବାସ୍କେ, ଅର୍ଜୁନ ମହାନ୍ତ ପ୍ରମୁଖ ସ୍ମାରକପତ୍ର ମାଧ୍ୟମରେ ଜଣାଇଛନ୍ତି। ଭାରତୀୟ ବେରୋଜଗାର ମୋର୍ଚ୍ଚା, ଯୁବା ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ସଂଖ୍ୟାଧିକ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଭାରତ ନିର୍ବାଚନ ଆୟୋଗ ଯଦି ଏହି ଦାବି ନ ମାନନ୍ତି ତାହାହେଲେ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଶୋକାଝରି ରଥଯାତ୍ରା

# ରଥ ଟାଣିଲେ ବାଳକ ବାଳିକା; ବଡ଼ଦାଣ୍ଡ ଲୋକାରଣ୍ୟ

**ବାରିପଦା, ୧୬।୪(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ଅଶୋକାଷ୍ଟମୀ ଉପଲକ୍ଷେ ଅଶୋକାଝରି (ରୁକୁଣା) ରଥଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜମାନଙ୍କ ଶାସନ ସମୟରୁ ପାଳିତ ହୋଇଆସୁଛି ଏହି ଅଶୋକଝରି ରଥଯାତ୍ରା। ଚଳିତ ବର୍ଷ ଆଡ଼ମ୍ବର ମଧ୍ୟରେ ପାଳିତ ହୋଇଛି ଏହି ରଥଯାତ୍ରା। ପରମ୍ପରା ଅନୁଯାୟୀ ଏହି ରଥକୁ କେବଳ ବାଳକ ବାଳିକାମାନେ ହିଁ ଟାଣିଥାନ୍ତି। ରୀତିନୀତି ପାଳନ ପୂର୍ବକ ଅଶୋକାଷ୍ଟମୀ ତିଥିରେ ମଙ୍ଗଳବାର ଅପରାହ୍ଣରେ ରଥଯାତ୍ରା ପାଳିତ ହୋଇଛି। ସ୍ଥାନୀୟ ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରୁ ମହାପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ଚୈତ୍ର ଶୁକ୍ଳପକ୍ଷ ରଥାରୂଢ଼ ହୋଇ ଅଶୋକବନକୁ ପରମ୍ପରା ବା ବିଧି ଅନୁଯାୟୀ ଯାତ୍ରା କରିଛନ୍ତି। ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୁମାନଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହେବାପରେ ପରିଛା ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ତିନି ପୂଜାପଣ୍ଡା ପହଣ୍ଡିରେ ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଦେବୀଙ୍କୁ ମନ୍ଦିରର ବେଢ଼ା ପହଣ୍ଡିରେ ଠାକୁରଙ୍କୁ ତିନିଥର ପରିକ୍ରମା କରାଇବା ପରେ ସିଂହଦ୍ୱାର ନିକଟରେ ଅପେକ୍ଷା କରିଥିବା ଅଶୋକାଝରି ରଥରେ ରଥାରୂଢ଼ ହୋଇଥିଲେ। ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତି ଏବଂ ମନ୍ଦିରର ସେବାୟତମାନେ ଶଙ୍ଖ ଘଣ୍ଟ-ଘଣ୍ଟା-ମୃଦଙ୍ଗ ସହିତ ହରିବୋଲ ସଂକୀର୍ତ୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ନିକଟକୁ ବାଳକ ବାଳିକା ଟାଣିଥିଲେ। ସେଠାରେ ସମସ୍ତ ସେବାୟତ ମୟୂରଭଞ୍ଜ ରାଜ ଦରବାରର ଅମଳର ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଆଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହୋଇଥିଲା। ଏହାପରେ ଉକ୍ତ ଅଶୋକ କଢ଼ିକୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସାଙ୍ଗକୁ ଶରୀର ସମସ୍ତ ରୋଗ ବୈରାଗ୍ୟରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଆସିଛି।




### ଜିଲ୍ଲା ଜରୁରୀକାଳୀନ ନୋଡାଲ ଅଫିସରଙ୍କୁ ନେଇ ବୈଠକ

## ପୋଷ୍ଟାଲ ବାଲାଟ ମତଦାନ ନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



**ବାରିପଦା, ୧୬।୪(ସମିସ):** ସାଧାରଣ ନିର୍ବାଚନ ୨୦୨୪ରେ ପୋଷ୍ଟାଲ ବାଲାଟ ମତଦାନକୁ ଆହୁରି ଅଧିକରୁ ଅଧିକ ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜରୁରୀକାଳୀନ ନୋଡାଲ ଅଫିସରଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ବିଭିନ୍ନ ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିପରି ନିର୍ଦ୍ୱନ୍ଦ୍ୱରେ ଏହି ନିର୍ବାଚନ ପର୍ବରେ ପୋଷ୍ଟାଲ ବାଲାଟ ଦ୍ୱାରା ସାମିଲ ହୋଇପାରିବେ ସେ ନେଇ ଶ୍ରୀ ମଲ୍ଲିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରୀ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ସେବା ଓ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଏସେନସିଆଲ ସର୍ଭିସ ବା ଆବଶ୍ୟକୀୟ ସେବାରେ କାର୍ଯ୍ୟରତ। ମତଦାନ ଦିନ ଏମାନଙ୍କ ଦାୟିତ୍ୱ ଅଧିକ ରହୁଥିବାରୁ ଏହି କର୍ମଚାରୀମାନେ ଆମ ଜିଲ୍ଲାରେ କିଭଳି ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିବେ ସେସବୁ ଦାୟିତ୍ୱ ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ହେବ। ଏହି ପୋଷ୍ଟାଲ ବାଲାଟ ବ୍ୟବସ୍ଥାରେ ଗାଡି ଚାଳକ ଏବଂ ଯାନବାହାନରେ କାର୍ଯ୍ୟରତ ସମସ୍ତଙ୍କୁ ମଧ୍ୟ ଏଥର ସାମିଲ କରାଯାଇଛି। ନିର୍ବାଚନ କମିଶନଙ୍କ ସୂଚନାନୁଯାୟୀ, ଏହି ପୋଷ୍ଟାଲ ବାଲଟରେ ମତଦାନ କରିବାକୁ ଥିବା ବ୍ୟକ୍ତିମାନେ ସେହି ବିଭାଗୀୟ ଅଧିକାରୀଙ୍କୁ ୧୨-ଡି ଫର୍ମ ପୂରଣ କରି ପଠାଇବେ ଏବଂ ସେମାନଙ୍କ ଏପିକ କାର୍ଡ ବା ନିର୍ବାଚନ ଫଟୋ ପରିଚୟ କାର୍ଡ ଥିବା ନିହାତି ଆବଶ୍ୟକ। ସବୁଠାରୁ ସୁରକ୍ଷିତ ଏବଂ ସବୁଠାରୁ ଦାୟିତ୍ୱର ସହିତ ଏହି କାର୍ଯ୍ୟକୁ ସମ୍ପାଦନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ସମସ୍ତ ଅଧିକାରୀଙ୍କୁ କହିଥିଲେ। ବୈଠକରେ ଜିଲ୍ଲା ପରିବହନ ଅଧିକାରୀ ବିଶ୍ୱଜ ବେହେରା, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ଅଭୟ କୁମାର ଦାଶ, ଅଗ୍ନିଶମ ଅଧିକାରୀ ଉବେନ୍ଦ୍ର ଦେଙ୍କ ସମେତ ଟିପିଏନଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ଯୁବକ ମୃତ

**ଖୁଣ୍ଟ, ୧୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ଅନ୍ତର୍ଗତ ଶିଆଳିଗୋଠାଣି ଗ୍ରାମର ଭଜନ ମଣ୍ଡଳୀ ସଦସ୍ୟମାନେ ଅଲେଖ ମହିମା ଯଜ୍ଞରେ ଭଜନ ପରିବେଷଣ ନିମନ୍ତେ କେନ୍ଦୁଝର ଜିଲ୍ଲାର ରାଇସୁଆଁ ଗ୍ରାମକୁ ଯାଇଥିଲେ। ସେଠାରୁ ରାତି ୧୦ଟାରେ ଦୁଇ ଜଣ ଯୁବକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଧୁଁପଦା ଓଭରବ୍ରିଜ ତଳ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲେ। ଏହି ସମୟରେ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଉଛନ୍ତି ଲାଲମୋହନ ବେହେରା (୩୨) ଏବଂ ଆହତ ଜଣକ ହେଉଛନ୍ତି ବାପିନ ବେହେରା (୨୪)। ଏ ନେଇ ଗ୍ରାମରେ ଶୋକପ୍ରକାଶ ପାଇଛି।

## ଦିଅର-ଭାଉଜ କଳି ନେଇ ଥାନାରେ ମାମଲା

**କୁଆମରା, ୧୬।୪(ସମିସ):** ଖୁଣ୍ଟା ଥାନା ତଥା କୁଆମରା ଫାଣ୍ଡି ଅନ୍ତର୍ଗତ ପଟୁଆ ଗ୍ରାମର ଦିଅର ଓ ଭାଉଜ ମଧ୍ୟରେ କଳିକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। କୌଣସି କଥାକୁ ନେଇ ମିନାକ୍ଷୀ ପାତ୍ରଙ୍କ ତାଙ୍କ ଦିଅର ବିଜୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ମିନାକ୍ଷୀ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତେବେ ମିନାକ୍ଷୀଙ୍କ ସ୍ୱାମୀ କାହ୍ନୁ ବାହାରେ ରହୁଥିବା ବେଳେ ଦିଅର-ଭାଉଜଙ୍କ ମଧ୍ୟରେ ସମାଧାନର ରାସ୍ତା ବାହାରି ପାରି ନ ଥିଲା। ଫଳରେ ମିନାକ୍ଷୀଙ୍କ ଅଭିଯୋଗ କ୍ରମେ ଦିଅର ବିଜୟଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରିଛି।

## ଏମ୍‌ସିଏଏମ୍ ଛାତ୍ରାବାସରେ ବିଦାୟକାଳୀନ ଉତ୍ସବ




**ବାରିପଦା, ୧୬।୪(ସମିସ):** ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ର ଛାତ୍ରାବାସରେ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଛାତ୍ରାବାସର ଅଧିକ୍ଷିକା ଦେବଶ୍ରୀତା ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶେଷବର୍ଷର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହ ହଷ୍ଟେଲରେ ଶିଖିଥିବା ରୀତି, ନୀତି, ନିୟମ, ଚଳଣି, ଶୃଙ୍ଖଳାକୁ ଉପଯୋଗ କରି ନିଜ ଜୀବନ ପଥରେ ଆଗେଇବା ନିମନ୍ତେ ଉପଦେଶ ଦେଇଥିଲେ। ସମାଜସେବୀ ମୁନା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଗକୁ ଯିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସୁଜାତା ପାଲ, ଅଧ୍ୟାପକ ରଞ୍ଜିତ ମାରାଣ୍ଡି, ପ୍ରୀତମ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚାଭିଳାଷୀ ହେବା ନିମନ୍ତେ ପ୍ରେରଣା ଦେଇଥିଲେ। ଏହି ଅବସରରେ ଶେଷବର୍ଷ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି ବଖାଣିଥିଲେ। ପିଜି ପ୍ରଥମ ବର୍ଷର ଛାତ୍ରୀ ବୈଜନ୍ତିମାଳା ଭୋଇ ଏବଂ ୟୁଜି ଦ୍ୱିତୀୟ ବର୍ଷର ଛାତ୍ରୀ ସିମ୍ରନ୍ ଶର୍ମା ମଞ୍ଚ ପରିଚାଳନା କରିଥିଲେ।

## ଅଧ୍ୟାପିକାଙ୍କ ଅକାଳ ବିୟୋଗରେ ଶୋକ



**ବାରିପଦା, ୧୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଅଧୀନ ବାଲିଯୋଡାସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପିକା ବିଳାସିନୀ ସାହୁ (୫୨)ଙ୍କ ମଙ୍ଗଳବାର ବାରିପଦା ପିଆରଏମ ମେଡିକାଲରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାର ବିଭିନ୍ନ କଲେଜରେ ଅଧ୍ୟାପକ ଅଧ୍ୟାପିକାମାନେ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଶୋକସଭା କରି ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ କିଛିଦିନ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଥିଲେ। ସେ ଜଣେ ମିଷ୍ଟଭାଷି, ଅମାୟିକ, ଦରଦୀ ମଣିଷ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ କୁଆମରାସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ରାଜକୁମାର ଘୋଷଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ଜଣେ ଝିଅ ଓ ଏକମାତ୍ର ପୁଅ ଅଛନ୍ତି। ତାଙ୍କ ବିୟୋଗରେ ଅଧ୍ୟାପକ ଅବନୀକାନ୍ତ ଗିରି, ଅଧ୍ୟାପକ ମନୋରଞ୍ଜନ ଦାସ, ଅଧ୍ୟାପକ ସଞ୍ଜୟ କୁମାର ଜେନା, ଅଧ୍ୟାପକ ସୌଦାମିନି ସିଂ, ଅଧ୍ୟାପକ ଉମାକାନ୍ତ ନାୟକ, ମଥୁରା ନାଏକ, ଜୟଶ୍ରୀ ମିଶ୍ର, ନିର୍ମଳ ସାହୁ, ମଞ୍ଜୁଳା ଜେନା, ପ୍ରଦୀପ ଜେନା, ଅର୍ଚ୍ଚନା ପ୍ରଧାନ, ମାନସୀ ବାରିକ, ଅଧ୍ୟାପକ ଦୀପକ କୁମାର ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବାରିପଦା ସହରେ ମା' ବାସନ୍ତୀଙ୍କ ଦୁର୍ଗା ପୂଜା





**ବାରିପଦା, ୧୬।୪(ସମିସ):** ବାସନ୍ତୀକ ପୂଜା ପାଇଁ ସର୍ବତ୍ର ଉତ୍ସବର ବାତାବରଣ। ରବିବାର ବିଲ୍ୱାଧିବାସ ପରେ ସୋମବାର ମା'ଙ୍କ ସପ୍ତମୀ ପୂଜା ଓ ମଙ୍ଗଳବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ନବମୀ ଓ ଶୁକ୍ରବାର ଦଶମୀ ପୂଜା ପରେ ଭସାଣି ହେବ। ମଣ୍ଡପ ପୂଜା ସମେତ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ପୀଠରେ ନବରାତ୍ରଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବାଘରା ରୋଡ, ଶୁନଗଡ଼ିଆ ଓ ପାଲବଣୀ ପୂଜା କମିଟି ପକ୍ଷରୁ ମେଢ ପୂଜା ହୋଇଛି। ସହରର ବାଘରାରୋଡରେ ମା' ବାସନ୍ତୀଙ୍କ ମେଢ ପୂଜା ୧୨ବର୍ଷରେ ପହଞ୍ଚିଛି। ଗତ ୨୦୧୩ ମସିହାରେ ମୂର୍ତ୍ତିକାରିଗର ଶୋଭାକାର ବେହେରାଙ୍କ ପ୍ରଚେଷ୍ଟାରେ ଏହି ପୂଜା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ହିମାଂଶୁ ମହାନ୍ତି, ସଦସ୍ୟ ପ୍ରଦୀପ ଆଚାର୍ଯ୍ୟ, ଅସୀମ ଚକ୍ରବର୍ତ୍ତୀ ଓ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ବୁଢାବଳଙ୍ଗ ନଦୀର ବୁଢାରାଉଳ ମଠ ଘାଟରୁ ଶୋଭାଯାତ୍ରାରେ ଘଟ ଅଣାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟା ଆଳତୀ ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହେଉଛି। ଦଶମୀରେ ମା'ଙ୍କ ବିସର୍ଜନ ହେବ। ଆସନ୍ତାକାଲି ଚଣ୍ଡୀପାଠ ସହ ଶ୍ରୀ ରାମନବମୀ ପୂଜା ହେବ। ସେହିପରି ଶୁନଗଡ଼ିଆ ପୂଜା ୭୧ବର୍ଷରେ ପହଞ୍ଚିଛି। ମହାସପ୍ତମୀରେ ବୁଢ଼ାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରି ବିରାଟ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇଛି। ଘଟ ପ୍ରତିଷ୍ଠା ପରେ ମା'ଙ୍କ ଆବାହନ କରାଯାଇଛି। ନବମୀ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଛି। ଅନ୍ୟପଟେ ପାଲବଣି ସ୍ଥିତ ବାସନ୍ତୀକ ପୂଜା ମଧ୍ୟ ଚଳିତ ଥର ୨୨ବର୍ଷ ପହଞ୍ଚିଛି। ବିଲ୍ୱବରଣ ପରେ ମଙ୍ଗଳବାର ମା'ଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଗତ ୨୦୦୨ ମସିହାରେ ସ୍ୱର୍ଗତ ରଞ୍ଜିତ ମହାପାତ୍ର, ସମରେନ୍ଦ୍ର ଦାଶ, ନବକୁମାର ଦାଶ, ସମରେନ୍ଦ୍ର ପାତ୍ର, ସମୀର କୁଅଁରବାବୁ ଓ ରବୀନ୍ଦ୍ର ଜେନାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା।

## ଉଦଳାରେ ମା' ବାସନ୍ତୀକ ପୂଜା ଓ ଅଶୋକାଷ୍ଟମୀ



**ଉଦଳା, ୧୬।୪(ସମିସ):** ଉଦଳାରେ ମା' ବାସନ୍ତୀକ ପୂଜା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଷଷ୍ଠୀରେ ବେଲ୍ୱବରଣ କରାଯିବା ସହିତ ସପ୍ତମୀରେ ନିକଟସ୍ଥ ମଠ ବନ୍ଧରୁ ଶଙ୍ଖ ହୁଳହୁଳି, ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନର ତାଳେ ତାଳେ ଘଟ ଉତ୍ତୋଳନ ପୂର୍ବକ ମା'ଙ୍କ ମୂର୍ତ୍ତିରେ ଜୀବନ୍ୟାସ ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ତେବେ ଆଜି ମହାଷ୍ଟମୀ ତଥା ଅଶୋକାଷ୍ଟମୀ ପୂଜା ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସଂକଳ୍ପଠାରୁ ଆରମ୍ଭ କରି ପୂଜା ଓ ପୁଷ୍ପାଞ୍ଜଳି ପାଇଁ ଶହ ଶହ ମହିଳାଙ୍କ ଆଗମନ ହୋଇଥିଲା। ଆଜି ଦିନ ୧ଘଟିକା ସମୟରେ ସନ୍ଧି ପୂଜା ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଦହି ସରବତ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାନ ପରିବେଷଣ ହେବ ବୋଲି କମିଟି ସୂଚନା ଦେଇଛନ୍ତି। କମିଟିର ବରିଷ୍ଠ ସଦସ୍ୟ ଭାବେ ବିଷ୍ଣୁପଦ ସଦୁଆଳ, ଶିଶିର ପରିଛା, ସଚ୍ଚିଦାନନ୍ଦ ପରିଡ଼ା, ସନ୍ତୋଷ ବାଛିନୀ, ଅମିୟ ବଳ, ଭୋଳନାଥ ସାହୁ, ଅଶୋକ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୟୁପିଏସ୍ ପରୀକ୍ଷାରେ ଜିଲ୍ଲାର ୩ ସଫଳତା

**ବାରିପଦା, ୧୬।୪(ସମିସ):** ମୟୂରଭଞ୍ଜର ଡେପୁଟି ଜିଲ୍ଲାପାଳ ଭାବେ କାର୍ଯ୍ୟରତ ବିଶ୍ୱଜିତ ପଣ୍ଡା ସର୍ବଭାରତୀୟ ସିଭିଲ ସର୍ଭିସ (ୟୁପିଏସସି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଜି ପ୍ରକାଶିତ ଫଳାଫଳରେ ସେ ୩୪୩ ର୍‌ୟାଙ୍କରେ ରହିଛନ୍ତି। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ରାଉତରାୟ ଗ୍ରାମରେ। ସେ ଏହାପୂର୍ବରୁ ଓଏଏସ ପାଇଥିଲେ। ନିଜର ସଫଳତା ବାପା-ମା, ଭାଇ ଓ ଚାକିରି ସ୍ଥଳର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। ସେହିପରି କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି ୨୪ ର୍‌ୟାଙ୍କ ପାଇଛନ୍ତି। ସେ କରଞ୍ଜିଆ ଗୋଲେଇର ଶେଖର କଲୋନୀର ସ୍ଥାୟୀ ବାସିନ୍ଦା। ସେ ଜଣେ ମେଧାବୀ ଛାତ୍ର ଥିଲେ। ସେ ଏହି ସଫଳତା ପାଇଁ ଜେଜେମା, ପିତାମାତା, ଗୁରୁଜୀ ଗୁରୁମା', ଅଜା, ଆଇ, ମାମୁମାଇଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ବେତନଟୀର ଇଂ. ସୌରଭ ଦାସ ୪୬୬ ର୍‌ୟାଙ୍କ ରଖି ୟୁପିଏସ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ଏହା ପୂର୍ବରୁ ଓଏଏସ ପାଇ କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକରେ ବିଡିଓଭାବେ କାମ କରିଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ଆଇଏଏସ୍ ପାଇଁ ପ୍ରସ୍ତୁତି କରୁଥିଲେ। ସେ ଦୈନିକ ୫ରୁ ୮ ଘଣ୍ଟା ସମୟ ପରିଶ୍ରମ କରୁଥିଲେ। ଦୃଢ଼ସଂକଳ୍ପ ଏବଂ ନିଷ୍ଠାର ସହିତ ନିରବଚ୍ଛିନ୍ନ ଉଦ୍ୟମ ତାଙ୍କୁ ଏହି ସଫଳତା ଆଣିଦେଇଛି। ଏହି ଖବର ପ୍ରକାଶିତ ହେବା ପରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ୪ଟି ଆସନରେ ବିଜେପିର ପ୍ରାର୍ଥୀ ଘୋଷଣା; ବାଦ୍ ପଡ଼ିଲେ ବୁଢାନ ମୁର୍ମୁ

**ବାରିପଦା, ୧୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଆଜି ବିଜେପି ପକ୍ଷରୁ ୪ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରାଯାଇଛି। ତାଲିକାରେ ଦୁଇ ନୂଆ ଚେହେରା ସ୍ଥାନ ପାଇଥିବା ବେଳେ ଘୋଷିତ ୯ ବିଧାନସଭା ଆସନରୁ କେବଳ ଜଣେ ମାତ୍ର ମହିଳାଙ୍କୁ ପ୍ରାର୍ଥୀ କରିଛି ଦଳ। ମଙ୍ଗଳବାର ପ୍ରକାଶିତ ତାଲିକାରେ ରାଇରଙ୍ଗପୁର ବିଧାନସଭା ଆସନରୁ ଜୋଲେନ ବରଦା, କରଞ୍ଜିଆ ବିଧାନସଭା କ୍ଷେତ୍ରରୁ ପଦ୍ମଚରଣ ହାଇବୁରୁ, ବାଙ୍ଗିରିପୋଷିରୁ ସଞ୍ଜଳୀ ମୁର୍ମୁ ଓ ସାରସକଣା ବିଧାନସଭା କ୍ଷେତ୍ରରୁ ପ୍ରାକ୍ତନ ବିଧାୟକ ଭାଦବ ହାଁସଦାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ ସାରସକଣା କ୍ଷେତ୍ରରେ ବିଜେଡି ପରିତ୍ୟାଗ କରି ବିଜେପିରେ ଯୋଗଦେଇଥିବା ପ୍ରାକ୍ତନ ବିଧାୟକ ଭାଦବ ହାଁସଦାଙ୍କୁ ଦଳ ପ୍ରାର୍ଥୀ ଚୟନ କରିଥିବା ବେଳେ ବିଧାୟକ ଡା. ବୁଢାନ ମୁର୍ମୁଙ୍କୁ ଦଳ ଟିକଟ ଦେଇନାହିଁ। ଏଥିପାଇଁ ସେ ବିଷୋଦ୍‌ଗାର କରି ଦଳ ଫଳ ଭୋଗିବ ବୋଲି କହିଛନ୍ତି।

### ପୁଣି ରାଜ୍ୟର ଉତ୍ତପ୍ତ ସହର ହେଲା ବାରିପଦା

## ଜଳୁଛି ସହର; ତାପମାତ୍ରା ୪୩.୬ ଡିଗ୍ରୀ





**ବାରିପଦା, ୧୬।୪(ସମିସ)**

ରାଜ୍ୟର ଉତ୍ତପ୍ତ ସହର ଭାବେ ବାରିପଦା ସହର ପୁଣି ରେକର୍ଡ ଭାଙ୍ଗିଛି। ବାରମ୍ବାର ରାଜ୍ୟର ତତଲା ସହର ଭାବେ ବାରିପଦା ପରିଗଣିତ ହୋଇଥିବା ବେଳେ ମଙ୍ଗଳବାର ୪୩.୬ ଡିଗ୍ରୀ ଛୁଇଁଛି। ଯାହାକି ଚଳିତ ବର୍ଷ ଗ୍ରୀଷ୍ମ ଋତୁ ବାରିପଦାର ସର୍ବାଧିକ ତାପମାତ୍ରା ରେକର୍ଡ଼ କରାଯାଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସକାଳୁ ଖରାର ପ୍ରକୋପ ନେଇ ତାତିର ପ୍ରକୋପ ଅନେକ ମାତ୍ରାରେ ରହିଥିଲା। ଅସହ୍ୟ ଗୁଳୁଗୁଳି ସହ ରୌଦ୍ରତାପ ଅନୁଭୂତ ହୋଇଛି। ଫଳରେ ରାସ୍ତାଘାଟ ଶୂନଶାନ ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସକାଳ ୧୦ଟା ପରେ ଲୋକେ ଘରୁ ବାହାରିପାରୁନାହାନ୍ତି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପ୍ରଦାନ ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ବାରିପଦା ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା। ସୋମବାର ବାରିପଦା ତାପମାତ୍ରା ୪୧.୪ ଡିଗ୍ରୀ ରହିଥିବା ବେଳେ ଉତ୍ତପ୍ତ ସହର ହୋଇଥିଲା। ଗତ ଏପ୍ରିଲ ୧ ତାରିଖ ମଧ୍ୟ ୪୦.୪ ଡିଗ୍ରୀ ତାପମାତ୍ରା ସହ ବାରିପଦା ରାଜ୍ୟର ସବୁଠୁ ତତଲା ସହର ଭାବେ ପରିଗଣିତ ହୋଇଥିଲା। ଏହାପରେ ପୁନଶ୍ଚ ମଙ୍ଗଳବାର ସବୁ ରେକର୍ଡ ଭାଙ୍ଗିଛି। ପଶ୍ଚିମାଝଡ଼ ପ୍ରଭାବରେ ବୃଷ୍ଟିପାତ ହେବା ପରେ ଗତ ସପ୍ତାହ ହେବ ପ୍ରତିଦିନ ବାରିପଦା ସହରର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ତାପମାତ୍ରା ବୃଦ୍ଧି ପାଇ ଦିନ ୧୧ପରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି। ଯାହାକୁ ନେଇ ରାସ୍ତାଘାଟ ଦିନବେଳେ ଶୂନଶାନ ହୋଇଯାଉଥିବାବେଳେ ସହରରେ ଅଘୋଷିତ କର୍ଫ୍ୟୁ ଭଳି ଲାଗୁଛି। ତେବେ ଆଗକୁ ଦିନ ତାପମାତ୍ରା ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପଟେ ରୌଦ୍ରତାପକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ କାମ ନ ଥିଲେ ଦିନ ୧୧ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଅଂଶୁଘାତ ଚିକିତ୍ସା କରିବା ପାଇଁ ଜିଲ୍ଲାର ସମସ୍ତ ସିଏଚସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ସହ ବାରିପଦା ପିଆରଏମ ହସ୍ପିଟାଲରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ଜଳଛତ୍ର ଖୋଲିବା ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି।

## ତାଲା ଭାଙ୍ଗି ୯୦ ହଜାର ଟଙ୍କା ଚୋରି

**ରାଇରଙ୍ଗପୁର, ୧୬।୪(ସମିସ):** ଗତ କିଛି ମାସ ହେଲା ରାଇରଙ୍ଗପୁର ସହରର ବିଭିନ୍ନ ସ୍ଥାନରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସକାଳେ ଠାକୁରାଣୀବେଡା ଗାଁରେ ଜଣକ ଘର ତାଲା ଭାଙ୍ଗି ୯୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗାଁରେ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ବ୍ୟାଗ ବେପାରୀ ରହି ବ୍ୟବସାୟ କରୁଥିଲେ। ମଙ୍ଗଳବାର ଘରେ ସେ ଅନୁପସ୍ଥିତ ରହିଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଟଙ୍କା ସହିତ ଗଚ୍ଛିତ ବ୍ୟାଗ ଗୁଡିକୁ ମଧ୍ୟ ଚୋରି କରିନେଇ ପଳାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।

ସକାଳ THE SAKALA



## ପାଇପ୍ ଫାଟି ନଷ୍ଟ ହେଉଛି ପାନୀୟଜଳ



**ହାଟଡ଼ିହୀ,୧୬।୪(ସମିସ):** ହାଟଡିହୀ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପାନୀୟଜଳ ଯୋଗାଣ ନିମନ୍ତେ ପାଣି ପାଇପ୍ ବିଛା ଯାଇଛି। ଅଧିକାଂଶ ପଞ୍ଚାୟତକୁ ପାନୀୟଜଳ ଯୋଗାଣ ହୋଇଥିବା ବେଳେ ସେଥିମଧ୍ୟରୁ କିଛି କିଛି ସ୍ଥାନରେ ପାଣି ପାଇପ୍ ଫାଟି ଅନବରତ ପାଣି ବୋହି ଚାଲିଥିବା ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ କର୍ମଚାରୀ ଆଦୌ ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ସାଜିଛି। ଚଳିତବର୍ଷ ଅତ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପ ସକାଶେ ଅନେକ ସ୍ଥାନରେ ପାନୀୟଜଳର ଉତ୍କଟ ସମସ୍ୟା ଲାଗି ରହୁଥିବା ବେଳେ ଆଇତିପୁର ପଞ୍ଚାୟତ ନିକଟରେ ପାଣି ପାଇପ୍ ଫାଟି ପାନୀୟଜଳ ଅନବରତ ବୋହି ଚାଲିବା ଘଟଣା ଅତ୍ୟନ୍ତ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀମହଲରେଅସନ୍ତୋଷପ୍ରକାଶପାଇଛି।ଏଥିପ୍ରତିବିଭାଗୀୟକର୍ମଚାରୀତୁରନ୍ତ ଦୃଷ୍ଟି ଆକର୍ଷଣ କରି ଏହାର ମରାମତି କରାଇବାକୁ ସାଧାରଣରେ ଦାବି ହୋଇଛି।

## କୁକୁରରେ ପିଟି ହୋଇ ବାଇକ ଚାଳକ ଗୁରୁତର



**ରାମଚନ୍ଦ୍ରପୁର,୧୬।୪(ସମିସ):** ବୁଲା କୁକୁର ବାଇକ୍ ଆଗକୁ ଆସିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଡିଭାଇଡରରେ ପିଟି ହୋଇଗଲେ ବାଇକ ଚାଳକ। ସ୍ଥାନୀୟ ଲୋକ ଗୁରୁତର ଆହାତ ଅବସ୍ଥାରେ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଦେଇଥିଲେ।ଆହତ ବାଇକ୍ ଚାଳକ ଜଣକ ଘସିପୁରା ଥାନା କଇନିପୁରା ଗ୍ରାମର ସତ୍ୟଜିତ ପାତ୍ର(୪୦) ବୋଲି ଜଣାପଡିଛି। ସେନିଜଗାଁକୁଫେରୁଥିବାସମୟରେପଦନାଛକରେଦୁର୍ଘଟଣାରଶିକାରହୋଇଥିଲେ।

## ଡଅଁରରେ ଶ୍ରୀରାମ ଚରିତ ମାନସ

**ସୋସୋ, ୧୬।୪(ସମିସ):** ହାଟଡିହୀ ବ୍ଲକ ଡଅଁର ଗ୍ରାମରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଗାଁ ଜଗନ୍ନାଥ ପୋଖରୀରୁ କଳସ ଅଣାଯାଇ ଘଟସ୍ଥାପନା କରାଯାଇଛି। ମାନଗୋବିନ୍ଦ ପହି ଓ ତାଙ୍କ ଧର୍ମପତ୍ନୀ କୁମୁଦିନୀ ଜେନା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବିଭୁପ୍ରସାଦ ଜେନା, ପ୍ରଦୀପ ଜେନା, ମନମୋହନ ଦେଓ, ଟୁକୁନା ମହାନ୍ତି, ପ୍ରମିଳା ଦେଓ ପ୍ରମୁଖ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ରାମଚରିତ ମାନସ, ନବଦିବସ ପାରାୟଣ ବିଧି, ରାମ କଥା, ସତସଙ୍ଗ, ରସମୟ ରାମଲୀଳା ଚରିତ ପ୍ରସଙ୍ଗ ଆଦି ବିଭିନ୍ନ ପୂଜାପାଠ ବ୍ରାହ୍ମଣ ନାରାୟଣ ପାଢୀ, ସନ୍ତୋଷ ଚୈତନ୍ୟ ଦାସ ମହାରାଜ ରିତିନିତି ପୂଜାପାଠ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ତା'ଛଡା ପିତୃମାତୃ ପୁଜନ କରାଯାଇ ଗ୍ରାମରେ ସୁସ୍ଥ୍ୟ ପରିବେଶ ସୃଷ୍ଟି କରାଯାଇଥିଲା। ଏହି ୯ଦିନ ଧରି ଗ୍ରାମରେ ଆଧ୍ୟାମିôକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଗ୍ରାମର ଏକତା ରଖିବାରେ ସହାୟକ ହୋଇଥାଏ। ଗ୍ରାମର କାର୍ତ୍ତିକେଶ୍ୱର ପହି, ଆଶିଷ ଭୋଇଁ, ଚକ୍ରଧର ପ୍ରଧାନ, କାଠିଆ ବେହେରା, କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ ପରିଚାଳନା କରିଥିଲେ।

## ବାଲ ବିକାଶ ଲେଖକ ସମ୍ମିଳନୀରେ କବି ସମ୍ବର୍ଦ୍ଧିତ

**ଆନନ୍ଦପୁର,୧୬।୪(ସମିସ):** ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ ପକ୍ଷରୁ ଅନୁଷ୍ଠିତ ବାଲ ବିକାଶ ଲେଖକ ସମ୍ମିଳନୀରେ ଆନନ୍ଦପୁର ଅଞ୍ଚଳର ଜଣାଶୁଣା କବି ରବିନ୍ଦ୍ର ପ୍ରସାଦ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କବି ଶ୍ରୀ ଚାନ୍ଦଙ୍କ କବିତା ଆବୃତ୍ତିକୁ ଉପସ୍ଥିତ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିବା ସହ କୃତିତ୍ୱ ପାଇଁ ଶ୍ରୀ ଚାନ୍ଦଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କବି ଶ୍ରୀ ଚାନ୍ଦଙ୍କୁ ଏହି ସମ୍ବର୍ଦ୍ଧନା ମିଳିଥିବାରୁ ଆନନ୍ଦପୁର ସାଇସଂଗଠନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଲା ଇଭିଏମ୍

**ଆନନ୍ଦପୁର,୧୬।୪(ସମିସ):** ଚଳିତ ସାଧାରଣ ନିର୍ବାଚନରେ କେନ୍ଦୁଝର ଜିଲାର ଆନନ୍ଦପୁର ସଂରକ୍ଷିତ ଓ ଘସିପୁରା ଅଣସଂରକ୍ଷିତ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ଆବଶ୍ୟକୀୟ ଇଭିଏମ ମେସିନ୍ ଆଜି ଆନନ୍ଦପୁର ଠାରେ ପହଞ୍ଚିଥିବା ଜଣାଯାଇଛି। ଆନନ୍ଦପୁର ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଫାଲଗୁନୀ ମାଝିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶାଳପଡା କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ଏହା ରଖାଯାଇଥିବା ବେଳେ ଏହି ଷ୍ଟ୍ରଙ୍ଗରୁମ୍ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇ ପୁଲିସର କଡା ସୁରକ୍ଷା ବଳୟ କରାଯାଇଛି। ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ଗଣତି କେନ୍ଦ୍ର ଓ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଦୁଇ ବିଧାନସଭା କ୍ଷେତ୍ର ପାଇଁ ପୃଥକ ପୃଥକ ଭାବେ କରାଯାଇଛି। ଏହି ମେସିନ ସୁରକ୍ଷିତ ଭାବେ ରଖିବାକୁ ବିଭିନ୍ନ କୋଠରିରେ ସାଙ୍କେତିକ ଚିହ୍ନ ଓ କ୍ରମିକ ସଂଖ୍ୟା ଦିଆଯାଇଥିବା ଜଣାଯାଇଛି।




### ପୁରୁଣାବାନ୍ଧଗୋଡ଼ା ଘୂର୍ଣ୍ଣିବାତ୍ୟାକୁ ପୂରିଲା ୪୬ ବର୍ଷ

# ଏବେବି ମନେପଡୁଛି ସେଦିନର ଲୋମଟାଙ୍କୁରା ଦୃଶ୍ୟ

## ଦିବଂଗତ ଆତ୍ମାଙ୍କ ସ୍ମୃତି ଚାରଣ କଲେ ଗ୍ରାମବାସୀ

**ରାମଚନ୍ଦ୍ରପୁର,୧୬।୪(ସମିସ)**

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗାଁରେ ଗତ ୧୯୭୮ ମସିହା ଅପ୍ରେଲ ୧୬ରେ ଘଟିଯାଇଥିବା ପ୍ରଳୟଙ୍କାରୀ ଘୂର୍ଣ୍ଣିବାତ୍ୟାକୁ ପୂରିଛି ୪୬ ବର୍ଷ। ସେଦିନର ସ୍ମୃତିକୁ ମନେପକାଇ ସ୍ମୃତିସ୍ତମ୍ଭ ନିକଟରେ ଗ୍ରାମବାସୀ ପାଳିଛନ୍ତି ସ୍ମୃତି ଦିବସ। ଏଥି ନିମନ୍ତେ ସକାଳୁ ତିଳତର୍ପଣ ସହ ସ୍ମୃତିସ୍ତମ୍ଭ ନିକଟରେ ପୂଜାର୍ଚ୍ଚନା ସହ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ତଥା ପରିବେଶବିତ ନୃସିଂହଚରଣ ଧୀର, ପ୍ରଶାସନିକ ଅଧିକାରୀ ଡ.ଚାହ୍ନୁଚରଣ ଧୀର, ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ସମାଜସେବୀ ସନ୍ତୋଷ କୁମାର ଧୀର, ସୌମେନ୍ଦ୍ର ଧୀର, ପ୍ରଦୀପ ନାୟକ, ଚିତ୍ତରଞ୍ଜନ ଧୀର, ତାରିଣୀ ପଟ୍ଟନାୟକ, ନ୍ୟୁ ଜେନେରେସନ ୟୁଥ କ୍ଲବର ସଭାପତି ଆଶୁତୋଷ ମାଝୀ, ସଦସ୍ୟ ଆର୍ତ୍ତସାରଥି ପଟ୍ଟନାୟକ, ସିଲୁ ନାୟକ, ତାରିଣୀ ନାୟକ ସମେତ ଅନେକ ଯୁବକ ସାମିଲ ହୋଇ ପୂର୍ବଜଙ୍କ ସ୍ମୃତି ଚାରଣ କରିବା ସହ ଘୂର୍ଣ୍ଣିବାତ୍ୟାକୁ ନିଜ ଆଖିରେ ଦେଖିଥିବା ଅନେକ ବ୍ୟକ୍ତି ସେଦିନର ସ୍ମୃତିକୁ ବଖାଣିଥିଲେ।

୧୯୭୮ ଅପ୍ରେଲ ୧୬ ତାରିଖ ଅପରାହ୍ନ ୪ଟା। ପଶ୍ଚିମ ଆକାଶରେ କ୍ଷଣିକେ ମଧ୍ୟରେ ଘୋଟି ଆସିଥିଲା ଏକ କଳା ବାଦଲ। କ୍ରମଶଃ ଏହା ଘନୀଭୂତ ହୋଇ ଘୂର୍ଣ୍ଣିବାତ୍ୟାର ରୂପ ନେଇ ପ୍ରଳୟଙ୍କରୀ ରୂପ ଧାରଣ କଲା। କେହି କିଛି ବୁଝିବା ପୂର୍ବରୁ ଗଛଲତା, ଗାଈଗୋରୁ, ମଣିଷ ଏବଂ ପୋଖରୀର ପାଣି କାଦୁଅ ସହ ଶଗଡ ଗାଡିକୁ ମଧ୍ୟ ଆକାଶକୁ ଉଠାଇ ନେଲା। ଗାଁର ୧୨୦ଟି ଘର ନିମିଷକେ ମାଟିରେ ମିଶିଗଲା। କ୍ଷଣିକ ମଧ୍ୟରେ ୧୭୮ଜଣ ଲୋକଙ୍କ ସହ ୭ଶହ ଗୃହପାଳିତ ପଶୁଙ୍କ ଜୀବନ ଚାଲିଗଲା। ଗାଁ ସତେ ଯେମିତି ଶ୍ମଶାନରେ ପରିଣତ ହୋଇଗଲା।

କେବଳ ପୁରୁଣାବାନ୍ଧଗୋଡା ଗ୍ରାମ ନୁହେଁ; ଏହି ଘୂର୍ଣ୍ଣିବାତ୍ୟା ନିକଟସ୍ଥ କରଡାମାଳି, ନରଦା, ତିଗିରିଆ, ବିଲାବନ୍ଧ ଆଦି ଗାଁର ବ୍ୟାପକ କ୍ଷତି ଘଟାଇଥିଲା। ଘଟଣା ପରେ ଦେଶ ବିଦେଶରୁ ଛୁଟିଥିଲା ସହାୟତାର ସୁଅ। ଆହାତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେପଟେ ଅକାଳରେ ପ୍ରାଣ ହରାଇଥିବା ଲୋକଙ୍କ ଶବକୁ ସ୍ଥାନୀୟ ଧନେଇ ପାହାଡ଼ ପାଦ ଦେଶରେ ସମୂହ ଦାହ ସଂସ୍କାର କରାଯାଇ ସେହି ସ୍ଥାନରେ ସ୍ଥାପିତ ହେଲା ଏକ ସ୍ମୃତିସ୍ତମ୍ଭ। ସେହି ଅବିଶ୍ୱାସନୀୟ ଘୂର୍ଣ୍ଣିବାତ୍ୟାକୁ ଆଜି ପୂରିଛି ୪୬ବର୍ଷ। ଏତେବଡ ପ୍ରାକୃତିକ ବିପତ୍ତିକୁ ଆଜି ଭାବିଲା ବେଳକୁ ଦେହ ଶୀତେଇ ଉଠୁଛି। ପ୍ରତି ବର୍ଷ ଅପ୍ରେଲ ୧୬ ତାରିଖରେ ମୃତ ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳିତ ହେଉଛି ସ୍ମୃତି ଦିବସ।











ଘୂର୍ଣ୍ଣିବାତ୍ୟାର ପରବର୍ତ୍ତୀ ସମୟରେ ପୁରୁଣାବାନ୍ଧଗୋଡା ଗାଁରେ ଅନେକ ପରିବର୍ତ୍ତନ ଆସିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହ ଉଚ୍ଚ ବିଦ୍ୟାଳୟ, ପ୍ରାଣୀ ସହାୟକ କେନ୍ଦ୍ର ଖୋଲା ଯାଇଥିଲା। ୧୯୭୮ ବାତ୍ୟାରେ ନିଜର ପ୍ରିୟଜନକୁ ହରାଇଥିବା ଅନେକ ବ୍ୟକ୍ତିଙ୍କ ମନରୁ ନିଜ ଜ୍ଞାତିକୁଟୁମ୍ବକୁ ହରାଇବା ଦୁଃଖ ଲିଭିନଥିବା ବେଳେ ଘୂର୍ଣ୍ଣିବାତ୍ୟାରେ ପ୍ରାଣ ହରାଇଥିବା ୧୮୭ ଜଣ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତି ସ୍ତମ୍ଭ ନିକଟରେ ଆଜିଯାଏଁ ସ୍ମୃତି ଫଳକଟିରେ ନିର୍ମାଣ ହୋଇ ନ ପାରିବାରୁ ସେମାନଙ୍କୁ ଦୁଃଖିତ କରିଛି। ଏଥିରେ ବନ ବିଭାଗ ବାଧକ ସାଜିଥିବା ଲୋକେ ଅଭିଯୋଗ କରିଛନ୍ତି। କାରଣ ସ୍ମୃତି ପୀଠଟି ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପରିସର ମଧ୍ୟରେ ରହୁଛି। ପ୍ରଶାସନିକ ସ୍ତରରେ ଏଥିପ୍ରତି ତତ୍ପରତା ପ୍ରକାଶ ପାଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଘୂର୍ଣ୍ଣିବାତ୍ୟାର ସ୍ମୃତିବହନ କରୁଥିବା ସ୍ମୃତିସ୍ଥଳକୁ ଏକ ଐତିହ୍ୟ ସ୍ଥଳିର ମାନ୍ୟତା ପ୍ରଦାନ କରିବାକୁ ସରକାରଙ୍କ ଠାରେ ପୁରୁଣାବାନ୍ଧଗୋଡା ଗ୍ରାମବାସୀ ଦାବି ଉପସ୍ଥାପନ କରିଛନ୍ତି।

## ଆନନ୍ଦପୁର ସାର୍ବଜନୀନ ବାସନ୍ତୀ ଦୁର୍ଗା ପୂଜା



**ଆନନ୍ଦପୁର,୧୬।୪(ସମିସ):** ଆନନ୍ଦପୁର ମାଉସୀମା' ମନ୍ଦିର ନିକଟସ୍ଥ ଚାରିଘରିଆ ସାହିରେ ସାର୍ବଜନୀନ ବାସନ୍ତୀଦୁର୍ଗା ପୂଜା ଧୁମଧାମରେ ପାଳିତ ହେଉଛି। ୫ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜା ଉପଲକ୍ଷେ ସଂକ୍ରାନ୍ତିରେ ପୂଣ୍ୟତୋୟା ବୈତରଣୀରୁ ଜଳ କଳସ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭାବେ ଟୁକୁନୁ ଶତପଥି ଯଥାରୀତି ପୂଜା କାର୍ଯ୍ୟ ପରି.ଳନା କରୁଛନ୍ତି। ମା'ଙ୍କର ଏହି ପୂଜା ଦୀର୍ଘ ୧୧ ବର୍ଷ ଧରି ଅନୁଷ୍ଠିତ ହେଉଥିବାବେଳେ ଆୟୋଜକଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ନେହାଶିଷ ପଣ୍ଡା ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲାବେଳେ ଧୁଷ୍ଟୁନ ମିଶ୍ର ଅନ୍ୟତମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ମା'ଙ୍କ ପୀଠରେ ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ପୂଜା ଯଥାରୀତି ପାଳିତ ହୋଇଥାଏ। ୧୮ ତାରିଖ ଗୁରୁବାର ମା'ଙ୍କ ଭସାଣୀ ପର୍ବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କମିଟି ପକ୍ଷରୁ ରଜନୀକାନ୍ତ ମିଶ୍ର, କାହ୍ନା ମିଶ୍ର, ତନୁଷ ମିଶ୍ର, ଶାନ୍ତନୁ ମିଶ୍ର, ବିଶ୍ୱଜିତ୍ ମିଶ୍ର, ମଦନ ମିଶ୍ର ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟମାନେ ପୂଜା କାର୍ଯ୍ୟ ପରି.ଳନାରେ ସହଯୋଗ କରୁଛନ୍ତି।

## ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କଲେ ବିଜେପି ପ୍ରାର୍ଥୀ



**ତୁରୁମୁଙ୍ଗା,୧୬।୪(ସମିସ):** ବିଜେପି ପକ୍ଷରୁ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକଙ୍କ ନାମ ମଙ୍ଗଳବାର ଘୋଷଣା ହୋଇଛି। ଅଖିଳ ଖିରେଇଟାଙ୍ଗିରୀ ସ୍ଥିତ ମା' ଟାଙ୍ଗରାଣୀ ପାଟଶାଳରେ ପୂଜାର୍ଚ୍ଚନା କରି ଆସନ୍ତା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶିଷ ଭିକ୍ଷା କରିଛନ୍ତି। ବିଜେପି ପକ୍ଷରୁ ଅଖିଳଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକମାନଙ୍କ ସହ ଖିରେଇଟାଙ୍ଗିରୀଠାରୁ ଏକ ବାଇକ୍ ରାଲିରେ ସାମିଲ ହୋଇ ତୁରୁମୁଙ୍ଗା ବଜାର ପରିକ୍ରମା କରି ପ୍ରଚାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୯ ନିର୍ବାଚନରେ ଏଠାରୁ ବିଜେପି ପ୍ରାର୍ଥୀ ହୋଇଥିବା ଭବାନୀ ଶଙ୍କର ନାଏକ ମାତ୍ର ୭୭୯୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ହୋଇ ଅଖିଳ ପାଇଥିଲେ ୮,୦୭୪ ଖଣ୍ଡ ଭୋଟ।

## ଘସିପୁରାରେ ଶ୍ରୀମଦ୍ ଭାଗବତ କଥାମୃତ

**ଆନନ୍ଦପୁର,୧୬।୪(ସମିସ):** ଘସିପୁରା ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମ୍ମିଳନୀ ପରେ ଶ୍ରୀମଦ ଭାଗବତ କଥାମୃତ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ସାହି ମୁରବୀ ମାଗୁଣି ଚରଣ ବେହେରା, କାମପାଳ ମହାରଣା, ଫଗୁଚରଣ ସାହୁ, କହ୍ନେଇ ଚରଣ ସାହୁ, ନନ୍ଦକିଶୋର ସାହୁ ଓ ସଂକୀର୍ତ୍ତନ ପ୍ରେମୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଦିନ ଧରି ଶ୍ରୀକୃଷ୍ଣ ଲୀଳା, ଶ୍ରୀରାମ ଚରିତ ମାନସ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗବେଷଣାତ୍ମକ ଆଲୋଚନା କରାଯାଇଥିଲା। ପ୍ରବଚକ ଶାରଦା ପ୍ରସନ୍ନ କର ଓ ପ୍ରତାପ ନନ୍ଦ ଏହି ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ମାଧ୍ୟମରେ କଳିଯୁଗେ ହରିନାମ ସାର ବୋଲି ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବିଶ୍ୱନାଥ ମହାରଣା, ରଘୁନାଥ ସାହୁ, କାଠିଆ ମହାରଣା, ପ୍ରଶନ ସାହୁ, ଗଣେଶ୍ୱର ସାହୁ, ବିଜୟ ସାହୁ, ନରହରି ସାହୁ, ଦିନକୃଷ୍ଣ ସାହୁ, ଶିବ ଚରଣ ସାହୁ, ପଙ୍କଜ ସାହୁ, ଧନେଶ୍ୱର ସାହୁ, ତରଣୀସେନ ସାହୁ, ସାଧୁ ଚରଣ ସାହୁ, ବୈରାଗୀ ସାହୁ, ଜୟସେନ ସାହୁ, ରଞ୍ଜନ କୁମାର ସାହୁ, ନଣ୍ଡା ସାହୁ, ଚତୁର୍ଭୁଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚମ୍ପୁଆରେ ପୁଲିସର ଫ୍ଲାଗମାର୍ଚ୍ଚ



**ଚମ୍ପୁଆ, ୧୬।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ଚମ୍ପୁଆ ଅଞ୍ଚଳରେ ପୁଲିସ ପ୍ରଶାସନ ପକ୍ଷରୁ ଆଇନ୍ ଶୃଙ୍ଖଳାକୁ ଆଖି ଦୃଷ୍ଟି ରେ ରଖି ଚମ୍ପୁଆ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଳକର ଡାଗୁଡଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଚମ୍ପୁଆ ଥାନା ଅଧିକାରିଣୀ ଦେବକୀ ନାଏକ, ଏଏସଆଇ ଶୁଶାନ୍ତ ମହାନ୍ତଙ୍କ ସହ ପୁଲିସ ଯବାନମାନଙ୍କୁ ନେଇ ଚମ୍ପୁଆ ଏନ୍‌ଏସିର କିଛି ୱାର୍ଡରେ ଫ୍ଲାଗମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା।

## ଭାଇ ବଜରଙ୍ଗୀ କ୍ଲବ୍ ପକ୍ଷରୁ ଧ୍ୱଜା ଶୋଭାଯାତ୍ରା




**ଆନନ୍ଦପୁର,୧୬।୪(ସମିସ):** ଆନନ୍ଦପୁରର ଖପରାଖାଇସ୍ଥିତ ନାଏକ ସାହି ରେ ମହାବୀରଙ୍କ ଜୟନ୍ତୀ ପାଇଁ ଶୁଭ ଅଧିବାସ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସାହିର ଯୁବକ ଓ ବ୍ରତଧାରୀମାନେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ଓ ଶ୍ରୀ ମହାବୀରଙ୍କ ଧ୍ୱଜା ସହ ଏକ ଦିବ୍ୟ ଶୋଭାଯାତ୍ରାରେ ବିଭିନ୍ନ ସାହିବସ୍ତି ପରିକ୍ରମା କରି ନାଏକ ସାହିସ୍ଥିତ ପୂଜାମଣ୍ଡପରେ ଅଖଣ୍ଡ ଦ୍ୱୀପ ସ୍ଥାପନ କରିଥିଲେ। ସଂକଳ୍ପଧାରୀ କାଳିଆ ଦେହୁରୀ ଓ ଅଜୟ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ସଂଘର କାଙ୍ଗାଳୀ ଦେହୁରୀ, ସଂଜୟ ଦେହୁରୀ, ବାସୁଦେବ ଦେହୁରୀ, ରାଜୁ ନାଏକ, ଜଗନ୍ନାଥ ନାଏକ, କ୍ଷୋଷ ଖଟୁଆ, କାର୍ତ୍ତିକ ଦେହୁରୀ, ତପନ ଦେହୁରୀ, ଚନ୍ଦୁ ଦେହୁରୀ, ବର୍ଷା, ଛବି, ମିତା, ପୂଜା, ଅଙ୍କିତା , ଆରତୀ, ଦୀପା, ଶୁଭସ୍ରୀ, ତନୁଶ୍ରୀ, ନନ୍ଦିନୀ, ରାଣୀ, ମନିଷା, ସରୋଜିନୀ, ସାଗରିକା, ପବିତ୍ର, ସୌଭାଗ୍ୟ, ଦୂର୍ଗା ସୁନ୍ଦରୀ, କାର୍ତିକ, ତପନ, ମାନସୀ, ସୁଜିତ, ନିଖିଳ, ଗଦନ, ଗଦୁ ଓ ବୁଦ୍ଧ ପ୍ରମୁଖ ସାମିଲ ହୋଇଥିଲେ।

## ରାଧାକୃଷ୍ଣ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଚମ୍ପୁଆ,୧୬।୪(ସମିସ)**



ଚମ୍ପୁଆ ନିକଟ ଘାଗରବେଡା ଆଞ୍ଚଳିକ ପାଲାମଣ୍ଡପ ଠାରେ ରାଧାକୃଷ୍ଣ ସାହିତ୍ୟ ସଂସଦ, ଘାଗରବେଡାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରରୁଆଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା ମୁଖ୍ୟଅତିଥି ରୂପେ, ମୁଖ୍ୟବକ୍ତା ଭାବେ ବଡ଼ବିଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଗୋଲକ ବିହାରୀ ଗିରି, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ କୈଳାସ ଚନ୍ଦ୍ର ବାରିକ ଏବଂ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଧରଣୀଧର ଦାସ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ ଯୋଗଦେଇଥିଲେ। ସଂସଦର ସଭାପତି ପ୍ରଫେସର ଡ. ସୁମନ୍ତ କୁମାର ଗିରି ମଞ୍ଚ ପରିଚାଳନା କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଅନୁଷ୍ଠାନର ପରିଚାଳନା ସମ୍ପାଦକ ଶ୍ରୀଯୁକ୍ତ ରଘୁନାଥ ଶତପଥୀ। ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଉମାକାନ୍ତ ସିଂହ। ସଂସଦ ତରଫରୁ "ରାଧାକୃଷ୍ଣ ସାହିତ୍ୟ ସଂସ୍କୃତି ସମ୍ମାନ'ରେ ପାଲାଚାର୍ଯ୍ୟ ମୋହନ ଚରଣ ବୈଦ୍ୟ, "ରାଧାକୃଷ୍ଣ କ୍ରୀଡା ନୈପୁଣ୍ୟ' ସମ୍ମାନରେସେବା ନିବୃତ୍ତ କ୍ରୀଡ଼ା ଶିକ୍ଷକ ଆନନ୍ଦ ଚରଣ ଗିରି, ମରଣୋତ୍ତର ଭାବେ 'ରାଧାକୃଷ୍ଣ ସମାଜସେବା' ସମ୍ମାନରେ ଦିବଂଗତ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି "ଲକ୍ଷ୍ମଣ କୁମାର ଗିରି ସ୍ମୃତି ସମ୍ମାନ'ରେ ପାଲା ଗାୟକ ସନ୍ତୋଷ କୁମାର ଗିରି, "ଶିକ୍ଷୟିତ୍ରୀ ମୀନାକୁମାରୀ ସ୍ମୃତି ସମ୍ମାନ'ରେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁ ଚରଣ ଗିରି, "ରାଜେଶ୍ୱରୀ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସେବା ନିବୃତ୍ତ ଶିକ୍ଷକ ପରମାନନ୍ଦ ଗିରି, "ସରସ୍ୱତୀ ଗିରି ସ୍ମୃତି ସମ୍ମାନ'ରେ ଆଦର୍ଶ ଶିକ୍ଷକ ଶିରିଶ ଚନ୍ଦ୍ର ନାୟକ, "ବିରଞ୍ଚି ନାରାୟଣ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ଅବସରପ୍ରାପ୍ତ ଶିକ୍ଷକ ହରିହର ଗିରି ଏବଂ "ପ୍ରତାପ ଚନ୍ଦ୍ର ତ୍ରିୟା ସ୍ମୃତି ସମ୍ମାନ'ରେ ବିଶିଷ୍ଟ କ୍ରୀଡାବିତ୍ ଖଗେଶ୍ୱର ଗିରିଙ୍କୁ ସମ୍ମାନିତ କରାଯାଇଥିଲା। ରଘୁନାଥ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁରନ୍ଦର ଗିରି, ପ୍ରଦୀପ କୁମାର ଗିରି, ପ୍ରଦୀପ କୁମାର ମହାନ୍ତ, ମୁଚିରାମ ମୁନ୍ଦୀ, ଗୋଲକ ଚନ୍ଦ୍ର ଗିରି, ଆନନ୍ଦ ଚରଣ ଗିରି, ସଞ୍ଜୁ ଲତା ପଟ୍ଟନାୟକ, ତ୍ରିଲୋଚନ ସିଂହ ଆଦି ସମସ୍ତ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ। ପାଲାଚାର୍ଯ୍ୟ ମୋହନ ଚରଣ ବୈଦ୍ୟ ଓ ସାଥୀ ପାଲା ପରିବେଷଣ କରିଥିଲେ।

## ଦାଣ୍ଡରେ ଗଡୁଛି ପାନୀୟ ଜଳ

**ଚମ୍ପୁଆ,୧୬।୪(ସମିସ):** ଦିନକୁ ଦିନ ପାରଦ ବଢିବାକୁ ଲାଗିଥିବା ବେଳେ ଆଗକୁ ଜଳ ସଙ୍କଟ ଦେଖାଯିବା ସମ୍ଭାବନା ରହିଛି। କେଉଁଠି ଗ୍ରାମବାସୀ ପାନୀୟ ଜଳ ନ ପାଇ ଭୋଟ ବର୍ଜନର ନିଷ୍ପତି ନେଉଥିବା ବେଳେ ଆଉ କେଉଁଠି ଲୋକଙ୍କୁ ଜଳ କଷ୍ଟ ଡରାଉଛି। ମାତ୍ର ଚମ୍ପୁଆ ଏନ୍‌ଏସିର ପାନୀୟ ଜଳ ଯୋଗାଣ ପାଇପ ଫାଟି ହଜାର ହଜାର ଲିଟର ଜଳ ଗାଁ ୱାର୍ଡ ଦାଣ୍ଡରେ ବୋହି ଚାଲିଛି। ସୂଚନା ଅନୁସାରେ ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଏନଏସିରେ ୧୩ ଗୋଟି ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିଛି ଦିନ ତଳେ ଏନ୍‌ଏସିର ୮ ନମ୍ବର ୱାର୍ଡର ମୁଖ୍ୟ ରାସ୍ତାରେ ନୂତନ ପାଇପ୍ ବିଛାଇ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ମାତ୍ର ଏହି ସଂଯୋଗୀ ପାଇପ ଗତ ୧୫ ଦିନ ହେବ ଫାଟି ଯାଇ ନିୟମିତ ଭାବେ ହଜାର ହଜାର ଲିଟର ପାନୀୟ ଜଳ ରାସ୍ତା ଉପରେ ଭାସୁଛି। ନା ଏଥିପ୍ରତି ଅଛି ଏନ୍‌ଏସି ପ୍ରଶାସନର ନଜର ନା କାଉନସିଲରଙ୍କ। ଦୈନନ୍ଦିନ ପ୍ରାୟ ୩୦ରୁ ଅଧିକ ଗୃହ କର୍ତ୍ତା ଠାରୁ ଆରମ୍ଭ କରି ସ୍କୁଲ ପିଲା ପର୍ଯ୍ୟନ୍ତ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତଙ୍କୁ ପଚାରିବାରୁ ମୁଁ ଅଭିଯୋଗ ପାଇଛି; ଦିନେ ଦୁଇ ଦିନ ମଧ୍ୟରେ ପାଇପ୍ ମରାମତି କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



